


### ପୁଣି ଚର୍ଚ୍ଚାରେ ମହିଳା ଭିକ୍ଷୁକ

# ଭାରତ ସରକାରଙ୍କ ନୂତନ କ୍ୟାଲେଣ୍ଡରରେ 'ତୁଳା ମାଉସୀ'

ଫୁଲବାଣୀ,୧୫।୧(ସମିସ):

କନ୍ଧମାଳ ଜିଲ୍ଲା ଫୁଲବାଣୀର ଦାନୀ ଭିକ୍ଷୁକ ତୁଳା ମାଉସୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଫଟୋ ଚିତ୍ରକୁ ଭାରତ ସରକାରଙ୍କ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି । କ୍ୟାଲେଣ୍ଡରର ପ୍ରଥମ ପୃଷ୍ଠା ଅର୍ଥାତ ଜାନୁଆରୀ ମାସ ପୃଷ୍ଠାରେ ହିଁ ତାଙ୍କର ଫଟୋ ରହିଛି । ଏହି କ୍ୟାଲେଣ୍ଡରକୁ ଗତ ୬ ତାରିଖ ଦିନ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଯାହାକୁ ନେଇ ପୁଣି ଦାନୀ ଭିକ୍ଷୁକ ତୁଳା ମାଉସୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ତାଙ୍କୁ ଏଥିପାଇଁ ସମସ୍ତେ ଶୁଭେଚ୍ଛା ଜଣେଇବା ସହିତ ସମ୍ମାନିତ କରୁଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ,ଭିକ୍ଷୁକ ତୁଳା ମାଉସୀ ଭିକ ମାଗି ମାଗି ଜୀବନ ବ୍ୟାପୀ ଯାହା ସଞ୍ଚୟ କରିଥିଲେ ସେଥିରୁ ୧ଲକ୍ଷ ଟଙ୍କା ଫୁଲବାଣୀ ଜଗନ୍ନାଥ ମନ୍ଦିରକୁ ଦାନ କରିଥିଲେ । ତାଙ୍କର ଏହି ମହାନତାକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୁଲବାଣୀ ଗସ୍ତରେ ଆସିଥିବା ବେଳେ ଭରା ସଭାରେ ତୁଳା ମାଉସୀଙ୍କୁ ମଞ୍ଚକୁ ଡ଼ାକି ସମ୍ମାନିତ କରିବା ସହିତ ତାଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ । ସେହି ସମୟରେ ତୁଳା ମାଉସୀଙ୍କୁ ମଞ୍ଚକୁ ନେବାରେ ସହଯୋଗ କରିଥିବା ବିଜେପିର ବରିଷ୍ଠ ନେତା ରମେଶ ଚନ୍ଦ୍ର ମହାନ୍ତିଙ୍କ ଚିତ୍ର ମଧ ଏହି ଫଟୋରେ ରହିଛି । ଏହାକୁ ନେଇଁ ତୁଳା ମାଉସୀ ବହୁତ ଖୁସି ଥିବା କହିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ସେ ଏବେ ମଧ ମନ୍ଦିରରେ ବସି ଭିକ୍ଷା ମାଗୁଛନ୍ତି ଏବଂ ଫୁଲବାଣୀରେ ଏକ ଭିକାରୀ ଆଶ୍ରମ ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।



## ଜି.ଉଦୟଗିରିରେ ଘନ କୁହୁଡ଼ି

ଜି.ଉଦୟଗିରି,୧୫।୧(ସମିସ): ସୂର୍ଯ୍ୟଙ୍କ ଉତ୍ତରାୟଣ ପରେ ମଧ ରାଜ୍ୟର ଶୀତଳତମ ସହର ଭାବେ ପରିଗଣିତ ହୋଇଛି ଜି. ଉଦୟଗିରି । ବୁଧବାର ଏଠାରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିବା ରେକର୍ଡ କରିଛି କୃଷି ବିଜ୍ଞାନ କେନ୍ଦ୍ର । ଏଥିଯୋଗୁଁ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଘନ କୁହୁଡି କଲବଲ କରିଛି । ଦୁଇ ଦିନ ହେଲା ପ୍ରବଳ ଶୀତ ସହ ଘନ କୁହୁଡି ଜାରି ରହିଛି । ଘନ କୁହୁଡି ଯୋଗୁ ଗାଡି ଚଳାଚଳରେ ସମସ୍ୟା ହେଉଥିବା ବେଳେ କଳିଙ୍ଗ ଘାଟିରେ ସତର୍କତାର ସହିତ ଗାଡି ଚଳାଚଳ କରିବାକୁ ପରାମର୍ଶ ଦେଇଛି ଘରୋଇ ମଟର କର୍ମଚାରୀ ସଂଘ । ଦିନ ୯ ଟା ପର୍ଯ୍ୟନ୍ତ ଘନ କୁହୁଡି ଲାଗି ରହୁଛି । ପନିପରିବାରେ ଫୁଲ ଝଡି ନଷ୍ଟ ହେବା ସମ୍ଭାବନା ରହିଥିବାରୁ ଚାଷୀ ସତର୍କ ରହିବାକୁ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ସୁଜିତ କୁମାର ମୁଖି ପରାମର୍ଶ ଦେଇଛନ୍ତି ।

## ଅଷ୍ଟପ୍ରହରୀ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଫିରିଙ୍ଗିଆ,୧୫।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମେରୁବନ୍ଧ ପଞ୍ଚାୟତ ବାଇଡ଼ି ପଦର ଗାଁରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଗୁରୁ ଶରତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅଷ୍ଟ ପ୍ରହର ନାମ ଯଜ୍ଞ ଗତ ୧୪ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ଜିଲ୍ଲାର ୧୦ ବ୍ଲକର ୨୧ ଦଳ ଏଥିରେ ଯୋଗ ଦେବା ସମ୍ଭାବନା ରହିଛି । ମୁଖ୍ୟ ପୁରୋହିତ ସତ୍ୟନାରାୟଣ ନନ୍ଦ ଓ ପୁରୋହିତ ଧନେଶ୍ୱର ନନ୍ଦ ଯଥାରୀତି ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟି ସ୍ଥାପନ କରିଥିଲେ ।

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଯାପିତ



ରାଇକିଆ,୧୫।୧(ସମିସ): କନ୍ଧମାଳ ଜିଲା ରାଇକିଆ ବ୍ଲକ ଜୀବନ ଜ୍ୟୋତି କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା /ବିଜ୍ଞାନ ଛାତ୍ରୀଙ୍କ ନିମନ୍ତେ ଚାଲିଥିବା ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଛି । ଶିବିର ଗତ ୬ ତାରିଖରୁ ଆରମ୍ଭ ହୋଇ ୮ ଦିନ ଧରି ଚାଲିଥିଲା । ମାଷ୍ଟର ସୁନେଲି ପଲେଇ ଏବଂ ଶ୍ରଦ୍ଧାଞ୍ଜଳି ପ୍ରଧାନ କଲେଜର ଆତ୍ମ ସୁରକ୍ଷା ତାଲିମ ଭାରପ୍ରାପ୍ତ ଅଧିକାରିଣୀ ଅଧ୍ୟାପିକା ଲିଜାଲିନ ଭୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । କଲେଜ ଅଧକ୍ଷ ପ୍ରାଧ୍ୟାପକ ପ୍ରଭାକର ରାଜୁ ଉକ୍ତ ଆତ୍ମ ସୁରକ୍ଷା ତାଲିମ ଦ୍ୱାରା ଛାତ୍ରୀଙ୍କ ଶାରୀରିକ ତଥା ମାନସିକ ସ୍ତରରେ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

## ୩ ଲୁଟେରାଙ୍କୁ ବାନ୍ଧିଲା ଟାଉନ ପୁଲିସ



ଫୁଲବାଣୀ,୧୫।୧(ସମିସ): ଫୁଲବାଣୀ ଟାଉନ ଥାନା ପୁଲିସ ଏକ ଡକାୟତି ଘଟଣାରେ ୩ ଜଣ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ଫୁଲବାଣୀ ସହର ମୁଣ୍ଡିଆସାହିର ଶିବ ନାୟକ, ରାଜେଶ ନାୟକ ଓ ଗୋଛାପଡା ଥାନା କଟ୍ରିଙ୍ଗିଆ ଗ୍ରାମର ଦୀପକ ଦିଗାଲ । ମିଳିଥିବା ସୂଚନା ଅନୁସାରେ ଫୁଲବାଣୀ ବିପିଆଇଟିରେ ସୁନୀଲ ସ ରହି ପଢୁଛନ୍ତି । ଗତ ୧୪ ତାରିଖ ରାତି ସାଢ଼େ ୭ଟାରେ ସେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ସେଠାରୁ ଭାଇ ଓ ଜଣେ ସାଙ୍ଗ ସହ ବିପିଆଇଟି ଫେରୁଥିବା ବେଳେ ମୁଣ୍ଡିଆସାହି ପାଖରେ ସମ୍ପୃକ୍ତ ୩ ଯୁବକ ସେମାନଙ୍କୁ ଅଟକାଇ ଲୁଟ କରିଥିଲେ । ସେମାନଙ୍କ ପାଖରୁ ଏକ ମୋବାଇଲ ଫୋନ ଏବଂ ୭୦୦ ଟଙ୍କା ଛଡାଇ ନେଇଥିଲେ । ଏକ ଛୁରୀ ଦେଖାଇ ସେମାନଙ୍କୁ ଭୟଭୀତ କରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ନେଇ ସୁନୀଲ ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଲୁଟ ହୋଇଥିବା ଟଙ୍କା ସହ ମୋବାଇଲ ଜବତ ହୋଇଛି । ସମସ୍ତ ୩ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପି. ସ୍ୱରୂପ କିଶାନ ସୂଚନା ଦେଇଛନ୍ତି ।

## ପାରଳାଖେମୁଣ୍ଡିରେ କଟକ ବ୍ୟବସାୟୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୫।୧(ସମିସ): ପାରଳାଖେମୁଣ୍ଡିରେ କଟକର ଜଣେ ପୋଷାକ ବ୍ୟବସାୟୀଙ୍କ ଆକସ୍ମିକ ମୃତ୍ୟୁ ଘଟିଛି । ମୃତକ ଜଣକ କଟକ ସ୍ଥିତ କାଜିବଜାରର ଏବଂ ତାଙ୍କ ନାମ ସନ୍ଦୀବ ବର୍ମା (୪୨) ବୋଲି ଜଣାପଡିଛି । ନିଜର ବ୍ୟବସାୟ ନିମନ୍ତେ ସେ ପାରଳାଖେମୁଣ୍ଡିରେ ମଙ୍ଗଳବାର ରାତି ୯ ଘଣ୍ଟା ସମୟରେ ଅନ୍ୟ ବ୍ୟବସାୟୀଙ୍କ ସହ ଏକ କାରରେ ଆସିଥିଲେ । ଏଠାରେ ପହଞ୍ଚିବା ପରେ ରହଣୀ ନିମନ୍ତେ ହୋଟେଲ୍‌କୁ ଯିବା ସମୟରେ ହଠାତ୍ ଅସୁସ୍ଥତା ଅନୁଭବ କରି କାର୍ ଚାଳକଙ୍କୁ ହସ୍ପିଟାଲ୍ ନେବାକୁ କହିଥିଲେ । ଚାଳକ ଓ ତାଙ୍କ ସାଥିରେ ଆସିଥିବା ଲୋକେ ଚିକିତ୍ସା ନିମନ୍ତେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ମୃତ ସନ୍ଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଲକ୍ଷ୍ମଣ ବେସରା ସୂଚନା ଦେଇଛନ୍ତି ।

## କବିସୂର୍ଯ୍ୟ ସ୍ମୃତି କମିଟିର ସ୍ମାରକପତ୍ର

ଦିଗପହଣ୍ଡି,୧୫।୧(ସମିସ): ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି କମିଟି ପକ୍ଷରୁ ବୁଧବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟଙ୍କ ଜନ୍ମମାଟି ବିଜୟନଗର ଗଡ ଗ୍ରାମ୍ୟ କମିଟି ସଭାପତି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପଣ୍ଡିତ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମଭୂମି ତତ୍କାଳୀନ ବଡ଼ଖେମୁଣ୍ଡି ରାଜ୍ୟର ରାଜଧାନୀ ବିଜୟନଗର ଗଡରେ ହୋଇଥିଲା ବୋଲି ତଥ୍ୟ ପ୍ରମାଣ ଭିତ୍ତିକ ଗ୍ରନ୍ଥାବଳୀ ଗୁଡ଼ିକ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏନେଇ କବିସୂର୍ଯ୍ୟ ସ୍ମୃତି କମିଟି ପକ୍ଷରୁ ସଂଗୃହିତ ତଥ୍ୟ ସମ୍ବଳିତ ପୁସ୍ତିକାକୁ ସ୍ମାରକପତ୍ର ଭାବେ ଗଞ୍ଜାମ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯିବା ସହ ଆଗାମୀ ମାଘ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ତିଥି ତଥା ଆସନ୍ତା ଫେବୃୟାରୀ ୨ ତାରିଖ ଅପରାହ୍ନରେ ଦିଗପହଣ୍ଡିରେ କବିସୂର୍ଯ୍ୟଙ୍କ ଜୟନ୍ତୀ ସମାରୋହ କରାଯିବା ନିମନ୍ତେ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସ୍ମୃତି କମିଟି ଆବାହକ ଆଇନଜୀବୀ କୁରେଶୁ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ଖମାରି ଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଆଇନଜୀବୀ



ଅଶେଷନାଥ ମିଶ୍ର, ଅନନ୍ତ ମହାନ୍ତି, ସାମ୍ବାଦିକ ବିନାୟକ ଦାସ, ସଞ୍ଜୀବ କୁମାର ପାତ୍ର, ସାମାଜିକ କର୍ମୀ ତାରା ପ୍ରସାଦ ପଟ୍ଟନାୟକ, ସୀମାଞ୍ଚଳ କର, ଗୁଣ୍ଡିଚା ପାଇକ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅପରାହ୍ନରେ ସ୍ମୃତି କମିଟି ପକ୍ଷରୁ ଏକ ପ୍ରତିନିଧିଦଳ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ବିଶିଷ୍ଟ ଗବେଷକ ଡ଼.ଅନନ୍ତ ରାମ କର କୌଣ୍ଡନ୍ୟଙ୍କ ଉପସ୍ଥିତିରେ କବିସୂର୍ଯ୍ୟ ଙ୍କ ଜନ୍ମସ୍ଥାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି ।

## ସଂସ୍କୃତ ଶିକ୍ଷକଙ୍କ ପରଲୋକ

ବ୍ରାହ୍ମଣୀଗାଁ,୧୫।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଝିଞ୍ଜିରିଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର କାଣ୍ହିଙ୍କ (୪୫)ଙ୍କ ଫୁଲବାଣୀ ଜିଲ୍ଲା ମୁଖ୍ୟ ଡାକ୍ତଖାନାରେ ବୁଧବାର ପର ଲୋକ ହୋଇଯାଇଛି । ୧୨ ତାରିଖରୁ ସ୍ୱାସ୍ଥ୍ୟ ଅସୁସ୍ଥ କାରଣରୁ ପରିବାର ସଦସ୍ୟ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ବ୍ରାହ୍ମଣୀଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସଂସ୍କୃତ ଶିକ୍ଷକଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ ସହିତ ଦୁଇ ଝିଅ ଓ ପୁଅ ଉପସ୍ଥିତ ଥିଲେ । ନିଜ ଗ୍ରାମ ରାଇକିଆରେ ତାଙ୍କର ଅନ୍ତେଷ୍ଟିକ୍ରିୟା କରାଯାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ଦାରିଙ୍ଗବାଡି,୧୫।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଅନୁସୂଚିତ ଜାତି ଓ ଜାତିଜନ ଉନ୍ନୟନ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ଉଲିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନ ମୋହନ ବେହେରାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ତହସିଲଦାର ଶରତ ଶବର, ମୁଖ୍ୟବକ୍ତା ଭାବେ ଦାରିଙ୍ଗବାଡି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୋନାଲିତା ପୃଷ୍ଟି , ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡି ଅନୁସୂଚିତ ଜାତି ଓ ଜାତିଜନ ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପ୍ରଧାନ ଓ ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଅତିଥିଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥଲେ । ଦ୍ୱିତୀୟ ଅଧିବେଶନରେ ଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଙ୍ଗୀତ, ଡାନ୍ସ ଓ କମେଡ଼ି ସହିତ ହାସ୍ୟରସ୍ୟ ଅଭିନୟର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ଫିରିଙ୍ଗିଆ,୧୫।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଆନନ୍ଦେଶ୍ୱର କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୋହିତ ଦଶମୁଳ ମିଶ୍ର, ସରପଞ୍ଚ ଯୁଗାନ୍ତ କହଁର, ସଦସ୍ୟ ବିଶ୍ୱାମିତ୍ର ମହାକୁଡ଼, କାଳିଆ ସୁନା ଭୁକ୍ତା, ମୋହନ ଦିଗାଲ, ବଂଶିଧର ସାହୁ, ତପନ ଦିଗାଲ, କମ୍ଭୁପାଣି ନାଗ, କୃଷ୍ଣଷ୍ଟଚନ୍ଦ୍ର ମହାକୁଡ, ଚୈତନ୍ୟ କହଁର, କୋଷାଧକ୍ଷ ଲଙ୍କେଶ୍ୱର କହଁର, ବଣିକ ସଂଘର ସଭାପତି ଝରିଆ ସାହୁଙ୍କ ସମେତ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ତେବେ ଆସନ୍ତା ପେବୃଆରୀ ୪ ତାରିଖରେ ପ୍ରତିଷ୍ଠା ଉତ୍ସବ ଆରମ୍ଭ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।



## ବିଧାୟକ ବାଣ୍ଟିଲେ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା

ଫୁଲବାଣୀ,୧୫।୧(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ଭବନରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତା ଠାରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ , ସାଂସଦ ପ୍ରତିନିଧି ଅଜୟନ୍ତୀ ପ୍ରଧାନ , ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଫୁଲବାଣୀ ପୌର ପରିଷଦ ଅଧକ୍ଷା ପାୟେଲ ବେହେରା, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା କହଁର, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସନ୍ତୋଷ କୁମାର ପାଢୀ ଯୋଗଦେଇ ଶତାଧିକ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ସମଗ୍ର ଜିଲ୍ଲାରେ ଆଜି ୪୩୯୦ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଥିବା ବେଳେ ପରବର୍ତ୍ତି ପର୍ଯ୍ୟାୟରେ ଅନ୍ୟମାନଙ୍କୁ ମଧ ପ୍ରଦାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡ଼ସେଠ୍, ଉଷାରାଣୀ ପ୍ରଧାନ, ମନୋଜ କୁମାର ସାହୁ ଏବଂ ଜ୍ଞାନ ରଂଜନ ସେଠୀ, ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ ।

**ପାରଳାଖେମୁଣ୍ଡି:** ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାଶ, ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ପୌରାଧକ୍ଷା ନିର୍ମଳା ସେଠୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଗଜପତି ଜିଲ୍ଲାରେ ୩,୧୩୬ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ୩,୫୦୦ ଟଙ୍କା ଲେଖାଏଁ ଭତ୍ତା ବଣ୍ଟନ କରାଯାଇଥିଲା । ସେହିପରି ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ୧,୧୫୪ ଜଣଙ୍କୁ ଏହି ଭତ୍ତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ସନ୍ତୋଷ କୁମାର ନାୟକ ଓ ତାଙ୍କ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ ।

## PhD Degree



ୟୁଏସଏର ୱାସିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କଲେ ଅବିନାଶ ସାହୁ

ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ଉଦ୍ୟୋଗପତି ତଥା ପରିବେଶବିତ ଦିଲ୍ଲୀପ କୁମାର ସାହୁଙ୍କ ସୁପୁତ୍ର ଅବିନାଶ ସାହୁ ୟୁଏସଏର ୱାସିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଛନ୍ତି । ଏବେ ସେ ବାଲେଶ୍ୱର ସହର ସହଦେବଖୁଣ୍ଟା ଠାରେ ରହି ନିଜର ବ୍ୟବସାୟ ପରିଚାଳନା କରୁଛନ୍ତି । ସେ ଆମେରିକାରେ ୱାସିଂଟନସ୍ଥିତ ଡିଜିଟାଲ ୟୁନିଭରସିଟିରେ ଡକ୍ଟରେଟ ସହ ବିଜନେସ ମେନେଜମେଣ୍ଟ କୋର୍ସ କରୁଥିଲେ । ଗତ ୧୧ ତାରିଖରେ ସେ ଡକ୍ଟରେଟ ଉପାଧିରେ ଭୂଷିତ ହୋଇଛନ୍ତି । ଏଥିପାଇଁ ଦିଲ୍ଲୀସ୍ଥିତ ଏକ ହୋଟେଲରେ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି । ତାଙ୍କର ଏହି ଡକ୍ଟରେଟ ଉପାଧି ହାସଲ କରିବା ପରେ ତାଙ୍କର ପରିବାବାର ବର୍ଗଙ୍କ ସହ ବାଲେଶ୍ୱର ଜିଲ୍ଲାବାସୀ ଖୁସି ବ୍ୟକ୍ତ କରିଛନ୍ତି । ଏବଂ ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ୟୁଏସଏର ଏହି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ପାଇବା ପାଇଁ ସାରା ବିଶ୍ୱର ବ୍ୟକ୍ତି ବିଶେଷ ଆଗ୍ରହ ପ୍ରକାଶ କରନ୍ତି । ମାତ୍ର ସମସ୍ତେ ଉପାଧି ପାଇବାରେ ସମର୍ଥ ହୋଇପାରନ୍ତି ନାହିଁ । ହେଲେ ଅବିନାଶ ସାହୁ ଉକ୍ତ ୟୁନିଭରସିଟିରୁ ଡକ୍ଟରେଟ ଉପାଧି ପାଇବାରେ ସମର୍ଥ ହୋଇଥିବାରୁ ଏହା ବାଲେଶ୍ୱର ତଥା ଓଡ଼ିଶାର ଏକ ଗୌରବର ବିଷୟ ।

### ସରକାରୀ ବସ୍ କଣ୍ଡକ୍ଟରଙ୍କ ମନମାନି

# ଘଣ୍ଟାଘଣ୍ଟା ଜଗି ରହୁଛନ୍ତି ଯାତ୍ରୀ

ଜଗନ୍ନାଥପ୍ରସାଦ,୧୫।୧(ସମିସ):

ଜଗନ୍ନାଥପ୍ରସାଦ ବ୍ଲକରେ ଯାତାୟାତ କରୁଥିବା ସର୍ବମୋଟ ୯ଗୋଟି ମୁଖ୍ୟମନ୍ତ୍ରୀ ବସର କାର୍ଯ୍ୟରତ ଚାଳକ ଓ କଣ୍ଡକ୍ଟର ମାନଙ୍କ ମନମାନୀ ଯୋଗୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଜଗନ୍ନାଥ ପ୍ରସାଦ ବ୍ଲକରୁ ବିଭିନ୍ନ ଉପାନ୍ତ ଇଲାକାକୁ ଗାଡି ଗୁଡିକ ମୁଖ୍ୟ ସହର ଜଗନ୍ନାଥ ପ୍ରସାଦକୁ ଆସୁଥିବା ବେଳେ ବସରେ କାର୍ଯ୍ୟରତ କଣ୍ଡକ୍ଟର ମାନଙ୍କ ମନମାନି ଯୋଗୁ ମନଇଚ୍ଛା ଗାଡି ଗୁଡିକ ଚାଲୁଥିବା ଦେଖିବାକୁ ମିଳିଛି । ଏହି ସମସ୍ୟା ଜଗନ୍ନାଥ ପ୍ରସାଦ ବ୍ଲକରୁ ତାରାସିଂ ଅଞ୍ଚଳକୁ ଗଡୁଥିବା ବସରେ ଦେଖାଦେଇଛି ।

ବୁଧବାର ଦିନ ବ୍ଲକର ୯ଗୋଟି ବସ ବ୍ଲକ କାର୍ଯ୍ୟାଳୟ ଠାରେ ଧାଡିଧାଡି ହୋଇ ଦିନ ୧୨ଠାରୁ ଅପରାହ୍ନ ୨. ୩୦ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିଲେ । ସାହସ୍ରାଧିକ ଯାତ୍ରୀ ଉକ୍ତ ବସ ମାନଙ୍କୁ ଅପେକ୍ଷା କରି ବ୍ଲକ କାଯ୍ୟର୍ାଳୟ ଆଗରେ ଜଗି ବସିଥିଲେ । ଏନେଇ ଯାତ୍ରୀ ମାନଙ୍କୁ ପଚାରିବାରେ ନିଜ ଅଞ୍ଚଳକୁ ଆଜି ଗାଡି ଯାଇନାହିଁ ଏବଂ ଏ ଯାଏଁ ଆମେ ନ ଖାଇ ଗାଡିକୁ ଆପେକ୍ଷକ କରିଛୁ ବୋଲି କହିଥିଲେ । ଏହି ଗାଡି ସବୁଦିନ ୧. ୨୦ମିନଟରେ ବାହାରିବା କଥା । ଏନେଇ ଜଣେ ସାମ୍ବାଦିକ ବସ କଣ୍ଡକ୍ଟରକୁ ପଚାରିବାରେ ତୁମେ କିଏ ବୋଲି ପ୍ରଶ୍ନ କରିଥିଲେ । ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।



## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ରୁକ୍ମଣୀ ସାହୁ

ଗ୍ରାମ -ଖଙ୍ଗାରଗୁଡା, ଗ୍ରାମ ପଞ୍ଚାୟତ - ବଡକୁଟ୍ରୁ ବ୍ଲକ-କଳମପୁର, ଜିଲ୍ଲା -କଳାହାଣ୍ଡି, ଓଡ଼ିଶା

ଆବିର୍ଭାବ -୨୧/୨/୧୯୫୦, ତିରୋଧାନ -୬/୧/୨୦୨୫ (ପୌଷ କୃଷ୍ଣପକ୍ଷ ଏକାଦଶୀ)

ମା ଆପଣଙ୍କ ସ୍ନେହ ଶ୍ରଦ୍ଧା ତ୍ୟାଗ ଆମେ ସପରିବାର କେବେ ହେଲେ ଭୁଲି ପାରିବୁ ନାହିଁ, ତୁମର ଅମର ଆତ୍ମାର ସଦଗତି ପାଇଁ ମାଁ ଠାକୁରାଣୀଙ୍କ ନିକଟରେ ସପରିବାର ପକ୍ଷରୁ ବିନମ୍ର ପ୍ରାର୍ଥନା.

ଶୋକସନ୍ତପ୍ତ:

ଆପଣଙ୍କର ପୁଅ, ହେମନ୍ତ କୁମାର ସାହୁ , ଗଗନ ବିହାରୀ ସାହୁ , ଭୀମସେନ ସାହୁ , ପିତାମ୍ବର ସାହୁ ତଥା ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁ ପରିଜନ

## ନିରୁଦ୍ଦିଷ୍ଟ



ରାଧାନାଥ ପଣ୍ଡା

ବୟସ – 75 ବର୍ଷ । ଉକ୍ତ ବ୍ୟକ୍ତି ଜଣଙ୍କ BIKASH PRATISTHAN, Jeypore, Dist: Koraput ରେ । ସେ Vizianagaram, Vytala Hotel ରୁ ନିଖୋଜ ଅଛନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳୁନାହିଁ । ଯଦି କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ । Smruti Lekha Panda, Resident of N-1, 273, 3rd floor, IRC Village, Nayapalli, Bhubaneswar - 751015

Mob No. 6371786377

# ଯୁବତୀଙ୍କୁ ଅସଦାଚରଣ; ଜଣେ ଗିରଫ

**ବ୍ରହ୍ମପୁର,୧୫ ।୧(ସମିସ):** ଜନୈକା ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରଘୁନାଥ ସେଠୀ (୩୨)।

ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅଞ୍ଚଳରେ ଜନୈକା ବିବାହିତା ମହିଳାଙ୍କ ସହ ଅଭିଯୁକ୍ତ ରଘୁନାଥଙ୍କ ୬ବର୍ଷ ହେଲା ବନ୍ଧୁତା ରହିଥିଲା। ତେବେ କୌଣସି କାରଣରୁ କ୍ରମଶଃ ଉକ୍ତ ମହିଳା ଜଣକ ଆଉ ରଘୁନାଥଙ୍କ ସହ ବନ୍ଧୁତା ରଖିବାକୁ ଇଚ୍ଛା ପ୍ରକାଶ କରିନଥିଲେ। ଗତ କିଛିମାସ ଧରି ରଘୁନାଥ ଉକ୍ତ ମହିଳାଙ୍କୁ ଦେଖା କରିବାକୁ ଚାହୁଁଥିଲେ ମଧ୍ୟ ମହିଳା ଜଣକ ମନା କରିଆସୁଥିଲେ। ସୋମବାର ରାତି ୧୦ଟାରେ ରଘୁନାଥ ମହିଳାଙ୍କ ଘର ନିକଟକୁ ଯାଇଥିଲେ। ମହିଳା ଜଣକ ଏକୁଟିଆ ଥିବା ଜାଣି ରଘୁନାଥ ଘର ଭିତରକୁ ବଳପୂର୍ବକ ପ୍ରବେଶ କରି ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ରଘୁନାଥଙ୍କ କବଳରୁ ମହିଳା ଜଣକ ମୁକ୍ତି ପାଇଁ ଦୌଡ଼ି ଯାଇ ବଡବଜାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରଘୁନାଥ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସଆଇ ତଥା ତଦନ୍ତ ଅଧିକାରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

# ଫାଷ୍ଟଫୁଡ୍ ଦୋକାନୀଙ୍କୁ ବିଅର୍ ବୋତଲରେ ଆକ୍ରମଣ

**ବ୍ରହ୍ମପୁର,୧୫ ।୧(ସମିସ):** ଜଣେ ଫାଷ୍ଟଫୁଡ଼ ଦୋକାନୀଙ୍କୁ ବିଅର୍ ବୋତଲରେ ଆକ୍ରମଣ ହୋଇଛି। ଏନେଇ ଗୋଷାଣୀନୁଆଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, କଦଳୀବାଡ ସାହି ନିବାସୀ ତଥା ଫାଷ୍ଟଫୁଡ ଦୋକାନୀ ନିରଞ୍ଜନ ରାଉତଙ୍କ ଗୋଷାଣୀନୁଆଗାଁ ଥାନାରେ ଅଞ୍ଚଳରେ ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ଦୁଇଦିନ ପୂର୍ବେ ଜଣେ ଯୁବକ ତାଙ୍କ ଦୋକାନକୁ ଆସି ଜଳଖିଆ ଖାଇଥିଲେ। ନିରଞ୍ଜନ ଜଳଖିଆ ବାବଦକୁ ଟଙ୍କା ମାଗିବା ପରେ ଉକ୍ତ ଯୁବକ ଜଣକ ଟଙ୍କା ଦେବା ବଦଳରେ ଏକ ବିଅର୍ ବୋତଲରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ନିରଞ୍ଜନଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇ ସେ ଗୁରୁତର ହୋଇଥିଲେ। ଏପରିକି ଯୁବକ ଜଣକ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକଚମକ ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଆହତ ନିରଞ୍ଜନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ଚିକିତ୍ସିତ ହୋଇ ଫେରିବା ପରେ ଏନେଇ ଥାନାରେ ଏତଲା ଦେଇଥିଲେ।

# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବ୍ୟାପକ ୱାରେଣ୍ଟି ଧରପଗଡ଼

**ବ୍ରହ୍ମପୁର,୧୫ ।୧(ସମିସ):** ହତ୍ୟା, ଡକାୟତି, ଲୁଟ, ହତ୍ୟା ଉଦ୍ୟମ ଓ ଠକେଇ ଭଳି ବିଭିନ୍ନ ମାମଲାରେ ଜଡିତ ଅପରାଧିଙ୍କୁ ୱାରେଣ୍ଟ ବଳରେ ଧରିବାକୁ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗୁରୁତ୍ୱ ଦିଆଯାଇଛି। ଏନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସମସ୍ତ ଥାନା ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସମ୍ପ୍ରତି ଜିଲ୍ଲାର ସମସ୍ତ ଥାନା ଇଲାକାରେ ୱାରେଣ୍ଟ ଧରପଗଡ ବ୍ୟାପକ କରାଯାଇଛି। ମଙ୍ଗଳବାର ଓ ବୁଧବାର ବ୍ରହ୍ମପୁର ପୁଲିସ ପକ୍ଷରୁ ଏକାଧିକ ଅଭିଯୁକ୍ତଙ୍କୁ ଜାମୀନ ବିହିନ ଗିରଫ ପରୱାନାରେ ଗିରଫ କରି କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ପ୍ରକାରରେ ୨୦୧୭ମସିହାରେ ପାରିବାରିକ ଗଣ୍ଡଗୋଳରେ ସ୍ତ୍ରୀର ଭରଣ ପୋଷାଣ ବାବଦକୁ ୧୦ହଜାର ଟଙ୍କା ଦେବାକୁ ପୁରୁଣା ଗୋଳାବନ୍ଧର ଜେ.ଦାସୁଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପତ୍ନୀଙ୍କୁ ଭରଣପୋଷଣ ବାବଦ ଟଙ୍କା ନଦେଇ ଦାସୁ ଫେରାର ଥିଲା। ଏନେଇ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କୋର୍ଟ ଆଦେଶକୁ ଅବମାନନା କରିଥିବାରୁ ଫେମିଲି କୋର୍ଟ ପକ୍ଷରୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା।

କୌଣସି ସୂତ୍ରରୁ ଖବର ପାଇ ଗୋପାଳପୁର ପୁଲିସ ନିଜ ଗ୍ରାମରୁ ଅଭିଯୁକ୍ତ ଜେ.ଦାସୁକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ଧରପଗଡ ପରେ ଗିରଫଦାରୀକୁ ଏଡାଇବାକୁ ଯାଇ କିଛି ଅଭିଯୁକ୍ତ ସହର ଛାଡିଦେଉଥିବା ବେଳେ ଆଉ କେତେକ ଅଦାଲତର ଦ୍ୱାରସ୍ଥ ହେଉଥିବା ଜଣାପଡ଼ିଛି।

## ଚାଲିଛି ସଡ଼କ ସୁରକ୍ଷା ମାସ

# କାଗଜ କଲମରେ 'ଗୁଡ୍ ସମରିଟାନ'!

**ବ୍ରହ୍ମପୁର,୧୫ ।୧(ସମିସ)**

'ଗୁଡ ସମରିଟାନ' ବା 'ଅସମୟର ବନ୍ଧୁ'। ଯେକୌଣସି ଦୁର୍ଘଟଣାରେ ଆହତଙ୍କ ପାଇଁ ପ୍ରଥମ ଏକ ଘଣ୍ଟା ହେଉଛି 'ଗୋଲଡେନ ଆୱାର'। ଦୁର୍ଘଟଣା ସ୍ଥଳରୁ ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇପାରିଲେ ଜଣଙ୍କର ଜୀବନ ବଞ୍ଚିଯାଇପାରିବ। ତେବେ ବିଭିନ୍ନ କାରଣରୁ ଏକ୍ଷେତ୍ରରେ ଇଛା ଥାଇ ସୁଦ୍ଧା କେହି ଆଗକୁ ଆସିବାକୁ ଆଗ୍ରହ ପ୍ରକାଶ କରିବା ତ ଦୂରର କଥା ସାହାସ ମଧ୍ୟ କରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ୨୦୨୧ମସିହା ଅକ୍ଟୋବର ମାସରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଡକ ପରିବହନ ବିଭାଗ ପକ୍ଷରୁ 'ଗୁଡ ସମରିଟାନ' ଯୋଜନା କାର୍ଯ୍ୟକାରୀ କରାଯାଇଛି। ଦୁର୍ଘଟଣା ସ୍ଥଳରୁ ଆହତଙ୍କୁ ନିକଟସ୍ଥ ହସ୍ପିଟାଲକୁ ପହଞ୍ଚାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୌଣସି ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବନାହିଁ। ଏପରିକି ଏଭଳି ସହଯୋଗର ହାତ ବଢାଉଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଡ ସମରିଟାନ ଯୋଜନାରେ ପ୍ରମାଣପତ୍ର ସହିତ ୫ହଜାର ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ସହିତ ୨ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେବେ ପ୍ରଶାସନିକ ଅବହେଳା ଯୋଗୁଁ ଏଭଳି ଯୋଜନା ସମ୍ପର୍କରେ ଅଧିକାଂଶ ଲୋକ ଅବଗତ ନଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଏହି ବାବଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ୫ହଜାର ଟଙ୍କା ଯଥେଷ୍ଟ ନୁହେଁ, ଏଣୁ ଏହାକୁ ୫ଗୁଣା ଅର୍ଥାତ୍ ୨୫ହଜାର କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରୀ ସୂଚନା ଦେଇଛନ୍ତି। ହେଲେ ୨୦୨୧ମସିହାରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନା ସମ୍ପର୍କରେ କାହା ନିକଟରେ ସୂଚନା କିମ୍ବା ସଚେତନତା ମଧ୍ୟ ସୃଷ୍ଟି କରାଯାଉନଥିବା ଚିନ୍ତା ଓ ପରିତାପର ବିଷୟ। ଯାହାର ଫଳସ୍ୱରୂପ ବିଗତ ୩ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ଜଣେ ମଧ୍ୟ ବ୍ୟକ୍ତିଙ୍କ ନାମକୁ ଏଥିପାଇଁ ସୁପାରିଶ କରାଯାଇନଥିବା ଜଣାପଡିଛି। ଅବଶ୍ୟ ରାଜ୍ୟ ସରକାରଙ୍କ ଗୁଡ ସମରିଟାନ ଯୋଜନାରେ ପ୍ରତିବର୍ଷ ସଡକ ସୁରକ୍ଷା ମାସ ପାଳନ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କିଛି ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିଲେ ହେଁ ଏଥିରେ ମଧ୍ୟ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି।

> **କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ସୂଚନା ନାହିଁ କି ସଚେତନତା ନାହିଁ**
>
> **ତିନି ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ଜଣଙ୍କ ନାମ ବି ହୋଇନି ସୁପାରିଶ**
>
> **ଦୁର୍ଘଟଣାସ୍ଥଳରେ ସହଯୋଗର ହାତ ବଢ଼ାଇବାକୁ ଲୋକେ କୁଣ୍ଠକୁଣ୍ଠ**
>
> **ଜିଲ୍ଲାସ୍ତରରେ ଗୁଡ୍ ସମରିଟାନ ଚିହ୍ନଟରେ ପାତରଅନ୍ତର ଅଭିଯୋଗ**

ଗୁଡ୍ ସମରିଟାନ ବା ଅସମୟର ବନ୍ଧୁ ଭାବେ ଆଗକୁ ଆସି ଆହତଙ୍କୁ ସହଯୋଗର ହାତ ବଢାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ସେଭଳି କିଛି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥିବା ଜଣାପଡିଛି। ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ଫର୍ମ ନଥିବା ବେଳେ କାହାକୁ କେଉଁଠି ଯୋଗାଯୋଗ କରାଯିବ ସେନେଇ ମଧ୍ୟ କାହା ନିକଟରେ ସଠିକ ତଥ୍ୟ ନାହିଁ। ଅନେକ ସମୟରେ ଦୁର୍ଘଟଣା ସ୍ଥଳରୁ ଆହତଙ୍କୁ ଡାକ୍ତରଖାନାକୁ ନେଇ ପରବର୍ତ୍ତି ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନଗତ ସମସ୍ୟା ଅଥବା ପୁଲିସ ତଦନ୍ତର ସମ୍ମୁଖୀନ ହେବାକୁ ପଡୁଥିବା ନଜିର ରହିଛି। ଯାହାକୁ ନେଇ ଅନେକେ ପଛଘୁଞ୍ଚା ମଧ୍ୟ ଦେଉଛନ୍ତି। ସେପଟେ ଦୁର୍ଘଟଣାସ୍ଥଳରୁ ଯଦିଓ ଆହତଙ୍କୁ ଡାକ୍ତରଖାନାକୁ ଅଣାଯାଉଛି ସେଠାରେ ଗୁଡ ସମରିଟାନ ଯୋଜନାର କୌଣସି ଫର୍ମ ଅଥବା କୌଣସି ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କୁ ମଧ୍ୟ ନିୟୋଜିତ କରାଯାଇନାହିଁ। ଫଳରେ ବହୁ ଲୋକ ଅନେକ ଘଟଣାରେ ସହାୟତାର ହାତ ବଢାଉଥିଲେ ହେଁ ସେମାନେ ଏହି ସୁବିଧାରୁ ବଞ୍ଚିତ ହୋଇ ନିରୁତ୍ସାହିତ ହେଉଛନ୍ତି।

ଅପରପକ୍ଷେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଥବା ସଙ୍ଗଠନ ନିୟମିତ ଭାବେ ଏହି ଗୁଡ ସମରିଟାନ ସମ୍ମାନରେ ସମ୍ମାନିତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସରକାରଙ୍କ ଏଭଳି ଏକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସାମୁହିକ ସହଯୋଗ ଓ ଇଛାଶକ୍ତିର ଆବଶ୍ୟକତା ରହିଛି। କେବଳ କାଗଜ କଲମରେ ଯୋଜନା ପ୍ରଣୟନ ନକରି ଏହାକୁ କିଭଳି ସଫଳ କାର୍ଯ୍ୟକାରୀ କରାଯାଇପାରିବ ଓ ଏହାଦ୍ୱାରା ଲୋକେ ଉପକୃତ ହୋଇପାରିବେ ସେଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବ୍ରହ୍ମପୁର,୧୫ ।୧(ସମିସ):** ବ୍ରହ୍ମପୁର ଉପକଣ୍ଠ ଦୁରାସ୍ଥିତ ରାମନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଶର୍ମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ଼. ବନମାଳୀ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଶିବିରର ଉପକାରିତା ଓ ଏହାର ଆବଶ୍ୟକତା ବିଷୟରେ ବିଭିନ୍ନ ଗଳ୍ପ ମାଧ୍ୟମରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିଧୁଭୂଷଣ ନାୟକ ଯୋଗଦେଇ ନିର୍ଭୟା ଘଟଣାର ପୁନରାବୃତି ନହେବା ପାଇଁ ଛାତ୍ରୀ ଆତ୍ମସୁରକ୍ଷା ଶିବିରର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ଶର୍ମିଳା ପଣ୍ଡା ଏଭଳି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ ସକ୍ଷମ କରିବା ସଙ୍ଗେସଙ୍ଗେ ଆତ୍ମସୁରକ୍ଷା ଦେଇପାରିବ ବୋଲି କହିଥିଲେ। ଏହାକୁ ସଂଯୋଜିକା ଡ଼. ସୁଷମା ସାହୁ ଓ ଡ଼. ପ୍ରଭା ସାହୁ ପରିଚାଳନା କରିଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷିକା ମମତା ବେହେରା ଓ ରୋହିଣି ଖଣ୍ଡୁଆଳ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରର କାର୍ଯ୍ୟକ୍ରମ ସମ୍ପର୍କରେ ସୁଚାଇଥିଲେ। କାର୍ଯ୍ୟକ୍ରମରେ ପାଖାପାଖି ୧୭୦ଜଣ ଛାତ୍ରୀ ଓ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ। ପରିଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଏବିଭିପିର ବ୍ରହ୍ମପୁର ମହାନଗର ସମ୍ମିଳନୀ

**ବ୍ରହ୍ମପୁର,୧୫ ।୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଂଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ଶାଖା ପକ୍ଷରୁ ସ୍ଥାନୀୟ ଗଂଜାମ କଳା ପରିଷଦ ଠାରେ ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘଚାଳକ ପ୍ରଫେସର ପ୍ରଶାନ୍ତ କୁମାର ପତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ପୂର୍ବପ୍ରାନ୍ତ ସଂଗଠନ ସଂପାଦକ ବୁଦ୍ଧଦେବ ବାଗ, ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତ ସଂପାଦିକା ଦୀପ୍ତିମୟୀ ପ୍ରତିହାରୀ, ଗଂଜାମ ବିଭାଗ ସଂଯୋଜକ ଅନିଲ ସ୍ୱାଇଁ ଓ ବିଭାଗ ସହସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ ଯୋଗଦେଇ ଏବିଭିପିର ଲକ୍ଷ୍ୟ, ଆଦର୍ଶ ଓ ରାଷ୍ଟ୍ର ପୁନଃନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସହ ଆଗାମୀ ଛାତ୍ରସଂସଦ ନିର୍ବାଚନରେ ଦୃଢତା ସହ ଆଗକୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷାବର୍ଷ ୨୦୨୪-୨୫ ନିମନ୍ତେ ବ୍ରହ୍ମପୁର ମହାନଗର କାର୍ଯ୍ୟକାରିଣୀ ଘୋଷିତ ହୋଇଯାଇଛି। ନଗର ସଭାପତି ରୂପେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରଶ୍ମିରଞ୍ଜନ ପାଲ, ନଗର ସଂପାଦକ ଭାବେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ଶତପଥୀଙ୍କ ସମେତ ନଗର କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରିୟାରାଣୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷେତ୍ରୀୟ ସୋସିଆଲ ମିଡିଆ ସଂଯୋଜକ ପ୍ରତ୍ୟୁଷ ରଂଜନ ଦାସ, ପ୍ରାନ୍ତ ସୋସିଆଲ ମିଡିଆ ସଂଯୋଜକ ସୁନିଲ କୁମାର ଦୋରା, ଗଂଜାମ ବିଭାଗ ସହସଂଯୋଜକ ରୁଦ୍ରପ୍ରସାଦ ସେଠୀ, ପୂର୍ବତନ ରାଜ୍ୟ ସହ ସମ୍ପାଦକ ସ୍ୱାଗତ ତ୍ରିପାଠୀ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ରଜତ ପାଢ଼ୀ, ଛାତ୍ରନେତା ବିକାଶ ନାୟକ, ଚିନ୍ମୟୀ ସାହୁ, ଅଧିର ରଂଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସମ୍ମିଳନୀରେ ବ୍ରହ୍ମପୁରର ବିଭିନ୍ନ କ୍ୟାମ୍ପସରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

# ଜାମିନରେ ଆସି ଫେରାର ହତ୍ୟା ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୫ ।୧(ସମିସ):** ସର୍ତ୍ତମୂଳକ ଜାମିନରେ ଆସି ଫେରାର ହୋଇଥିବା ଏକ ହତ୍ୟା ମାମଲାର ଅଭିଯୁକ୍ତକୁ ସଦର ଥାନା ପୁଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଗେଟବଜାର ବିଲ ସାହିର ବିଜୁ ବେହେରା(୩୨)। ଅଭିଯୁକ୍ତ ବିଜୁ ନିଜ ବାପାଙ୍କ ଶେଷକୃତ ସମ୍ପନ୍ନ କରିବାକୁ ୨ସପ୍ତାହ ପାଇଁ ସର୍ତ୍ତମୂଳକ ଜାମିନରେ ଆସି ପରେ ଫେରାର ହୋଇଯାଇଥିଲା। ଫେରାର ଅଭିଯୁକ୍ତ ବିଜୁକୁ ବୁଧବାର ଗିରଫ ପରେ ପୁଣି ଥରେ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୨୦୨୩ମସିହା ମାର୍ଚ୍ଚ ୭ତାରିଖରେ ବାଲିପଡାର ଜୁରିଆ ବିଷୋୟୀଙ୍କୁ ନୁଆପଡା କମ୍ୟୁନିଟି ହଲଠାରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ବିଜୁ ଏକ କାଠ ଫାଳିଆରେ ଜୁରିଆଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା(ନଂ-୧୭୪/୨୩) ରୁଜୁ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତ ବିଜୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ବିଜୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିବା ବେଳେ ୨୦୨୪ମସିହା ଜୁନ ୧୦ତାରିଖରେ ବାପାଙ୍କ ମୃତ୍ୟୁ ହୋଇଥିଲା। ସେହିକ୍ରମରେ ବିଜୁଙ୍କୁ ଉଚ୍ଚ ନ୍ୟାୟାଳୟ ୨ସପ୍ତାହ ପାଇଁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଜୁନ ୨୮ତାରିଖରେ ସେ କାରାଗାରରୁ ମୁକୁଳିଥିଲେ। ୨ସପ୍ତାହ ପରେ ପୁଣି ଥରେ ଅଦାଲତରେ ହାଜର ହୋଇ କାରାଗାରକୁ ଫେରିବା କଥା। କିନ୍ତୁ ବିଜୁ କୋର୍ଟରେ ହାଜର ନହୋଇ ଫେରାର ହୋଇଯାଇଥିଲା। ଏହାପରେ ଜିଲ୍ଲା ଦୌରାଜଜ୍ କୋର୍ଟରୁ ବିଜୁ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଉକ୍ତ ୱାରେଣ୍ଟ ବଳରେ ସଦର ଥାନା ପୁଲିସ ବିଜୁକୁ ବୁଧବାର ଗିରଫ କରିଥିବା ଏସପି ସୂଚନା ଦେଇଛନ୍ତି।



# ସିପିଆଇ ପକ୍ଷରୁ ଆରଡିସିଙ୍କୁ ଦାବିପତ୍ର



**ବ୍ରହ୍ମପୁର,୧୫ ।୧(ସମିସ):** ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡ଼ିଶା କୃଷକ ସଭାର ଗଞ୍ଜାମ ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡୀଙ୍କ ନେତୃତ୍ୱରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିପିଆଇ(ମ) କେନ୍ଦ୍ର କମିଟି ସଦସ୍ୟ ଅଲିକିଶୋର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ ଓ ଗୋପାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସକ୍ରିୟ ସାମିଲ ହୋଇ ନିଜର ବକ୍ତବ୍ୟ ରଖିଥିଲେ। ରାମଚନ୍ଦ୍ର ନାୟକ, ଦିଲ୍ଲୀପ ଛୋଟରାୟ, ନୀଳମଣି ଗୁରୁ, ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ବେହେରା, ବିଭୁପ୍ରସାଦ ପାଣିଗ୍ରାହୀ, ସତ୍ୟ ମଣ୍ଡଳ, ଶୁକଦେବ ଗମାଙ୍ଗ, ଗଣେଶ ପଗଡ଼, ମୋଚିଆ ଶବର, ଭାସ୍କର ଜାନୀ, ଶ୍ରମିକ ନେତା ପ୍ରତାପ ଚୌଧୁରୀ ଓ ବାବୁଲା ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏକ ପ୍ରତନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଉପ ସଚିବଙ୍କୁ ପ୍ରଦାନ କରିଥିଲେ।

## ଅବ୍ୟବସ୍ଥା ଘେରରେ ବିଜୁ ପଟ୍ଟନାୟକ ହୋମିଓପାଥିକ୍ ମେଡିକାଲ କଲେଜ

# ଡେଡ୍‌ବଡି ନାହିଁ କି କୋଠା ନାହିଁ

## ୧୧ ବର୍ଷ ଧରି ଚାଲିଛି ପାଠପଢ଼ା

**ବ୍ରହ୍ମପୁର,୧୫ ।୧(ସମିସ)**




ଦୀର୍ଘ ୧୧ବର୍ଷ ହେଲା ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀମାନେ ବିନା ମରଶରୀରରେ ପାଠ ପଢୁଛନ୍ତି। ମେଡ଼ିକାଲ କଲେଜର ଏଭଳି ଅବ୍ୟବସ୍ଥା କାରଣରୁ ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ସିଧାସଳଖ ବାଧା ଉପୁଜିଛି। ୧୯୭୯ମସିହାରେ ପ୍ରତିଷ୍ଠା ହୋଇଥିବା ବ୍ରହ୍ମପୁରର ଏହି ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆନାଟୋମି, ସର୍ଜରୀ, ପାଥୋଲୋଜି, ଏଫଏମଟି, ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଭଳି ମୋଟ ୧୨ଟି ବିଭାଗ ରହିଥିବା ବେଳେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବର୍ତ୍ତମାନ ୧୧୭ ଜଣ ଛାତ୍ରଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଭିତ୍ତିଭୂମିର ଘୋର ଅଭାବ ରହିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଆନାଟୋମି ବିଭାଗରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଦୁଇଟି ମରଶରୀର ରହିଥିଲା। ଯାହା ୨୦୧୩ମସିହା ଫାଇଲିନ ବାତ୍ୟାରେ ଆନାଟୋମି ବିଭାଗର କୋଠା ଭାଙ୍ଗିଯିବା ଫଳରେ ସେଠାରେ ଥିବା ଦୁଇଟି ମୃତଦେହ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତି ସମୟରେ କ୍ୟାମ୍ପସରେ କୋଠାର ଅଭାବ ସାଙ୍ଗକୁ ମୃତଦେହକୁ ସଂରକ୍ଷଣ ରଖିବା ନିମନ୍ତେ ମଧ୍ୟ କୌଣସି ବ୍ୟବସ୍ଥା ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। କଲେଜର ଏଭଳି ସମସ୍ୟା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଥିଲେ ହେଁ ଇତି ମଧ୍ୟରେ ଦିର୍ଘ ୧୧ବର୍ଷ ବିତିଯାଇଛି। ତଥାପି କୌଣସି ସମାଧାନ ହୋଇପାରି ନାହିଁ। ଏଭଳି ପରିସ୍ଥିତିରେ ମନୁଷ୍ୟ ଶରୀରର କିଛି ଅଂଶକୁ ରଖି ଡାକ୍ତରୀ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିବା ଜଣାପଡିଛି। ସେପଟେ ସ୍ଥାନୀୟ ଏମକେସିଜି ମେଡିକାଲ କଲେଜକୁ ନିୟମିତ ବ୍ୟବଧାନରେ ଦାନ ସୂତ୍ରରେ ମିଳୁଥିବା ବେଳେ ମନୁଷ୍ୟ ମରଶରୀରକୁ ଏଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ନୂତନ ମେଡିକାଲ କଲେଜକୁ ଏମକେସିଜି ମେଡିକାଲରୁ ମରଶରୀର ପଠାଯାଇଥିବା ନଜିର ରହିଛି। ଏଣୁ ହୋମିଓପାଥିକ ମେଡିକାଲ କଲେଜକୁ ମଧ୍ୟ ଏମକେସିଜି ମେଡିକାଲ କଲେଜରୁ ମରଶରୀର ଯୋଗାଇ ଦିଆଯାଇପାରନ୍ତା। କିନ୍ତୁ ଏଥିପାଇଁ ସ୍ୱତନ୍ତ୍ର କୋଠା ଓ ତାହାର ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଜରୁରୀ। ଏହା ହୋଇଥିଲେ ହୋମିଓପାଥିକ ମେଡିକାଲ କଲେଜରେ ଦିର୍ଘ ୧୧ବର୍ଷରୁ ଉଦ୍ଧ୍ୱର୍ କାଳ ଧରି ଛାତ୍ରଛାତ୍ରୀଙ୍କ ପାଠପଢାରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇପାରନ୍ତା। ଅନ୍ୟପକ୍ଷରେ ମେଡିକାଲ କଲେଜକୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଖୁବ୍‌ଶୀଘ୍ର 'ଭର୍ଚୁଆଲ ବଡି ଡ଼ିସେକସନ ଟେବୁଲ' ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ତେବେ ଏହି ଅତ୍ୟାଧୁନିକ ବ୍ୟବସ୍ଥା ଅପେକ୍ଷା ମୃତ ଦେହକୁ ବ୍ୟବହାର କରି ଅଧ୍ୟୟନ କରିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଅଧିକ ସହଜସାଧ୍ୟ। ହୋମିଓପାଥିକ ମେଡ଼ିକାଲ କଲେଜରେ ମୃତଦେହ ଅଭାବ କାରଣରୁ ଛାତ୍ରଛାତ୍ରୀମାନେ ମନୁଷ୍ୟ ଶରୀରର ଗଠନ ଓ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସମ୍ପର୍କରେ ବିସ୍ତୃତ ଭାବେ ଜ୍ଞାନ ଆହରଣ କରିବାରେ ସମସ୍ୟା ହେଉଛି। ଏନେଇ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ଡ଼ା. ଗୀତାଞ୍ଜଳି ପଟ୍ଟନାୟକ କହିଛନ୍ତି, ଛାତ୍ରଛାତ୍ରୀଙ୍କ ପାଠପଢ଼ା ନିମନ୍ତେ ମୃତଦେହର ଅଭାବ ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଛି। ଆନାଟୋମି ବିଭାଗ ଲାଗି ଆବଶ୍ୟକ କୋଠା ନଥିବାରୁ ମୃତଦେହ ସଂରକ୍ଷଣ କରିବାରେ ସମସ୍ୟା ରହିଛି। ଏଥିପାଇଁ ନୂତନ କୋଠାନିର୍ମାଣ ଚାଲିଛି, ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେଲାପରେ ଉକ୍ତ କୋଠାରେ ମୃତଦେହ ସଂରକ୍ଷଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯିବ। ଏବଂ ପିଲାଙ୍କ ଅଧ୍ୟୟନରେ ହେଉଥିବା ସମସ୍ୟାର ପ୍ରତିକାର ହୋଇପାରିବ ବୋଲି ସେ କହିଛନ୍ତି।

> **ଏମ୍‌କେସିଜିରୁ ଜିଲ୍ଲା ବାହାର ମେଡିକାଲ କଲେଜକୁ ପଠାଯାଉଛି ମୃତଦେହ**

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବ୍ୟାସକବି ଜୟନ୍ତୀ



**ବ୍ରହ୍ମପୁର,୧୫ ।୧(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ କଥାସମ୍ରାଟ ତଥା ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ଓ ବିଭାଗୀୟ ମୁଖ୍ୟ ଡକ୍ଟର ଉଷାରାଣୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ଫକୀରମୋହନଙ୍କ କାଳଜୟୀ ସୃଷ୍ଟିକୁ କିଭଳି ଅକ୍ଷୟ ମହାନ୍ତି କବିତାର ରୂପ ପ୍ରଦାନ କରିଥିଲେ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ନିଜ ସୁଲଳିତ କଣ୍ଠରେ ଉକ୍ତ ଗୀତକୁ ଗାନ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ଉଷାରାଣୀ ରଥଙ୍କ ସମେତ ଡକ୍ଟର ବନମାଳୀ ପାଣିଗ୍ରାହୀ ଓଡ଼ିଆ ବ୍ୟାସକବି ତଥା କଥାସମ୍ରାଟ ଫକୀରମୋହନ ସେନାପତିଙ୍କ କୃତୀ ଓ କୃତିତ୍ୱ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପ୍ରତିକୂଳ ପରିସ୍ଥିତିରେ ଫକୀରମୋହନ କିଭଳି ନିଜର ଅସାମାନ୍ୟ ପରାକାଷ୍ଠା ପ୍ରଦର୍ଶନ କରିବା ସହ ସମାଜର ନିଛକ ବାସ୍ତବତାକୁ କିଭଳି ତାଙ୍କ ସୃଷ୍ଟି ସମୂହ ମଧ୍ୟରେ ପ୍ରତିଫଳିତ କରିଥିଲେ ସେ ସମ୍ପର୍କରେ ବକ୍ତାମାନେ ବିଷଦ ଆଲୋଚନା କରିଥିଲେ। ଡକ୍ଟର ମନୋରଞ୍ଜନ ବିଷୋୟୀ ଏହି ଜୟନ୍ତୀ ସଭାକୁ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଫକୀରମୋହନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଡ. ମନୋରଞ୍ଜନ ବିଷୋୟୀଙ୍କ ରଚିତ 'ସେନାପତି ସ୍ମରଣେ' କବିତାକୁ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ସାଗର ଖରା ଆବୃତ୍ତି କରିଥିଲେ। ବିଭାଗ ପକ୍ଷରୁ ବହୁ ଛାତ୍ରଛାତ୍ରୀ ଫକୀରମୋହନଙ୍କ ସ୍ମୃତିଚାରଣ କରିଥିଲେ। ସଭା ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସଭାରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ହିଁ ଥିଲା କଥାସ୍ରଷ୍ଟା ଫକୀରମୋହନଙ୍କ ପ୍ରତି ଯଥାର୍ଥ ସମ୍ମାନ।

# ମୃତ ବ୍ୟକ୍ତିଙ୍କୁ ଦେଖିବାକୁ ଆସି ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନୂଆଗଡ଼,୧୫।୧(ସମିସ):** ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ଜନାପଦା ନିକଟ ଜାତୀୟ ରାଜପଥ ୩୨୬(ଏ) ରାସ୍ତା କଡ଼ରେ ଥିବା ଗଛରେ ପିଟିଲା ଅଟୋ। ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଉଛନ୍ତି ରାମଗିରି ଗ୍ରାମର ଟୁକୁନା ଚୌଧୁରୀ(୧୮) ଓ ଆହତ ଜଣକ ବିଶ୍ୱମିତ୍ର ଚୌଧୁରୀ (୩୦)ବୋଲି ଜଣାପଡିଛି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଜୁରୀପଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଜଣକୁ ଡାକ୍ତର ମୃତ ଘୋଷଣା କରି ଗୁରୁତର ହୋଇଥବା ଆଉଜଣେ ଯୁବକଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ସୂଚନା ଅନୁସାରେ ରାମଗିରି ଗ୍ରାମ ଜଣେ ଯୁବକ ବଡ଼ପଦା ଗ୍ରାମକୁ କୁଣିଆ ଆସି ଅକସ୍ମାତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ଖବର ଶୁଣି ଦେଖିବାକୁ ଆସି ଗ୍ରାମକୁ ଫେରିବା ବାଟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଯୁବକଙ୍କ ମୃତ୍ୟୁ ହୋଇଛି ବୋଲି ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ ସୂଚନା ଦେଇଛନ୍ତି।

## ମୋହନା ପ୍ରେସ୍‌କ୍ଲବର ନୂତନ କର୍ମକର୍ତ୍ତା ଚୟନ

**ମୋହନା,୧୫।୧(ସମିସ):** ଗଜପତି ଜିଲ୍ଲା ମୋହନା ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସ୍ଥାନୀୟ ପ୍ରେସ କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସହମତି କ୍ରମେ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀ ମନୋନୀତ ହୋଇଛନ୍ତି ।ସେହିପରି ଉପସଭାପତି ଭାବେ ନୃସିଂହନାଥ ପୂଜାରୀ, ସମ୍ପାଦକ ବାବୁଲା ସେଠୀ, ସହସମ୍ପାଦକ ମୋଜେଶ୍ ରଇତ ଓ କୋଷାଧ୍ୟକ୍ଷ ଭାବେ ବିମଳ ମଲ୍ଲିକ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁମନ ପଟ୍ଟନାୟକ, ଅଂଶୁମାନ ପଣ୍ଡାଙ୍କୁ ଏବଂ ଉପଦେଷ୍ଟା ଭାବେ ପଞ୍ଚାନନ ଦାସ ଓ ବାଦଲ ବେହେରା ମନୋନୀତ ହୋଇଛନ୍ତି। ଏହି ବୈଠକରେ ମୋହନା ପ୍ରେସ କ୍ଲବର ଆଇନ ପରାମର୍ଶଦାତା ଦୁର୍ଯ୍ୟଧନ କରଡା, ସଦସ୍ୟ ପ୍ରମୋଦ ଦୋରା ଓ ଧୀରେନ୍ଦ୍ର ନାୟକ ଉପସ୍ଥିତ ଥିଲେ । ପ୍ରେସ କ୍ଲବର ଆଗାମୀ କାର୍ଯକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସେଣ୍ଟ୍ ଜୋନ୍ ସ୍କୁଲର ବାର୍ଷିକ କ୍ରୀଡ଼ା

**ଟିକାବାଲି,୧୫।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ସେଣ୍ଟ ଜୋନ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିକାବାଲି ସମିତି ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଟିକାବାଲି କଟିମାହା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅରବିନ୍ଦ ମହାପାତ୍ର, ବିଦ୍ୟାଳୟ ଅଧ୍ୟକ୍ଷ ସାମୁଏଲ ନାୟକ, ଉପାଧ୍ୟକ୍ଷ ରଞ୍ଜିତ ଦିଗାଳ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅସ୍ମିତା ଦିଗାଳ, ଗ୍ରେସ ଇଭାଞ୍ଜିଲୀନ ବେହେରା, ଜ୍ୟୋତିର୍ମୟୀ ସାହୁ, ସି ଏଚ ଜସ୍ମିନ ପାତ୍ର, କ୍ରୀଡା ଶିକ୍ଷକ ଆକାଶ ନାୟକ, ଅଶୋକ କୁମାର ସାହାଣୀ, ସହଯୋଗୀ ଆଶା ବିଜୋଜିନି ପ୍ରଧାନ ଓ ସାରା ଦିଗାଳ ସହଯୋଗ କରିଥିଲେ। ଏଥିରେ ବହୁ ଅଭିଭାବକ ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।

## କବି ଜୟ ମିଶ୍ରଙ୍କୁ ସମ୍ବର୍ଦ୍ଧନା



**କାଶୀନଗର,୧୫।୧(ସମିସ):** କାଶୀନଗର ବ୍ଲକ ବୁଦୁରା ଗ୍ରାମର ବାସିନ୍ଦା ତଥା କବି ଜୟ କୁମାର ମିଶ୍ରଙ୍କୁ ବ୍ରହ୍ମପୁର ସହର ଅନୁଷ୍ଠିତ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କବି ଶ୍ରୀ ମିଶ୍ର ବହୁ ସାହିତ୍ୟ ରଚନା, ବ୍ୟଙ୍ଗ କବିତା ଲେଖିଛନ୍ତି। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଶିକ୍ଷକ ବୃତ୍ତିରୁ ଅବସର ନେବା ପରେ ନିଜ ଗ୍ରାମରେ ଚାଷ କାମ ବି କରୁଛନ୍ତି। ସେହିପରି ଗ୍ରାମର ଯେକୌଣସି ସମସ୍ୟା ହେଲେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହ ସାମାଜିକ କାମ କରୁଛନ୍ତି। ସେ ପୂର୍ବରୁ ବହୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଛନ୍ତି। ନୂତନ ବର୍ଷ ଅବସରରେ ବ୍ରହ୍ମପୁର ସହର ନିକଟସ୍ଥ କୁକୁଡ଼ାଖଣ୍ଡି ନିକଟରେ ହୋଇଥିବା କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ଜଣେ ମାତ୍ର କବିଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ନେଇ ବିଭିନ୍ନ ମହଲରେ ମିଶ୍ରଙ୍କୁ ପ୍ରଶଂସା କରାଯାଇଛି।

## ବିଏସ୍ଏଫ୍‌ର ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ବାଲିଗୁଡା,୧୫।୧(ସମିସ):** ବାଲିଗୁଡା ବ୍ଲକ ବାରଖମାରେ ଥିବା ବି. କମ୍ପାନୀ ୧୩୬ ବିଏସଏଫ ବାଟାଲିୟନ ତରଫରୁ ବୁଧବାର ଜନ କଲ୍ୟାଣ କାର୍ଯ୍ୟକ୍ରମ ମାଗଣା 'ଚକ୍ଷୁ ସେବା ଶିବିର' ଅନୁଷ୍ଠିତ ହୋଇଥିଲା। ବିଏସଏଫ ବାଟାଲିୟନ କ୍ୟାମ୍ପ ପରିସରରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିର୍ମଳ ଦାସଙ୍କ ନେତୃତ୍ୱରେ ଶିବିର ହୋଇଥିଲା। ଶିବିରରେ କମାଣ୍ଡେଣ୍ଟ ନିର୍ମଳ ଦାସ ଆଗାମୀ ଦିନରେ ମାଗଣା ଚକ୍ଷୁ ସେବା ଶିବିର କରାଯିବ ବୋଲି କହିଥିଲେ। କମାଣ୍ଡେଣ୍ଟଙ୍କ ସହ ସରପଞ୍ଚ କୁମୁଦିନୀ ମଲିକ, ସମାଜସେବୀ ପରମାନନ୍ଦ ନାୟକ, ମିଲନ ଦିଗାଲ, ଉମାଚରଣ ଦିଗାଲ ଓ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ। ତିନୋଟି ପଞ୍ଚାୟତରୁ ୧୫୦ ନାମ ପଞ୍ଜୀକରଣ କରି ଚକ୍ଷୁ ପରୀକ୍ଷା କରିଥିଲେ। ଉନ୍ନତ ମାନର ଯନ୍ତ୍ରପାତି ଓ ଚକ୍ଷୁ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଆବଶ୍ୟକ ଥିବା ୬୫ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯିବ ବୋଲି କୁହାଯାଇଛି। ବିଏସଏଫର ଏଭଳି ସାମାଜିକ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

### ଦୁର୍ଗମ ବାରଘର ଗ୍ରାମବାସୀଙ୍କ ଚେତାବନୀ

# 'ମୌଳିକ ସମସ୍ୟାର ସମାଧାନ ନ ହେଲେ ଆନ୍ଧ୍ରରେ ମିଶିଯିବୁ'

**ପାରଳାଖେମୁଣ୍ଡି,୧୫ ।୧(ସମିସ)**



ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଦୁର୍ଗମ ଗଙ୍ଗାବାଡ ପଞ୍ଚାୟତ ଅବହେଳିତ ହୋଇ ରହିଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତ ଅଧୀନରେ ଥିବା ବାରଘର ଗ୍ରାମରେ ଆଜି ବି ଅନେକ ମୌଳିକ ସୁବିଧା ନାହିଁ। ଗୋଟିଏ ପଟେ ଗ୍ରାମବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିବା ବେଳେ ଏହିଗ୍ରାମରେ କେବଳ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମୌଳିକ ସୁବିଧା ସଠିକ୍ ଭାବେ ଚାଲୁ ରହିଥିଲା। ହେଲେ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ଭୂୟାଁଙ୍କୁ ହଠାତ୍ ଅକାରଣରେ ବଦଳି କରାଯାଇଛି। ଏଥିରେ ପିଲାଙ୍କ ଶିକ୍ଷାଦାନରେ ବାଧା ଉପୁଜିଛି ବୋଲି

- ଶିକ୍ଷକ ବଦଳିକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- ବଦଳି ଆଦେଶ ପ୍ରତ୍ୟାହାର ନ ହେଲେ ସ୍କୁଲରେ ତାଲାପକାଇବାକୁ ନିଷ୍ପତ୍ତି

ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ଶିକ୍ଷକଙ୍କୁ ହଠାତ୍ ବଦଳି କରାଯିବାର କାରଣ ଗ୍ରାମବାସୀ ଓ ଅଭିଭାବକ ଜାଣିପାରୁନାହାନ୍ତି। ରାଜନୈତିକ ଚାପରେ ଏପରି ବଦଳି କରାଯାଇଥିବାର ସନ୍ଦେହ ପ୍ରକଟ କରିଛନ୍ତି। ବଦଳି କରାଯାଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଭୂୟାଁ ନିୟମିତ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ପରିଚାଳନା ସଠିକ୍ ଭାବେ କରୁଥିଲେ। ସମସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଥିଲେ। ବାରଘର ଗ୍ରାମ ଆନ୍ଧ୍ର ସୀମାନ୍ତ ଗ୍ରାମ ହୋଇଥିବା ଯୋଗୁଁ ଗ୍ରାମବାସୀ ଆନ୍ଧ୍ରର ସୁବିଧା ସୁଯୋଗ ପ୍ରତି ଆକର୍ଷିତ ହୋଇ ସେଠାରେ ପାଠ ପଢାଇବା ପାଇଁ ମନ ବଳାଉଥିଲେ ମଧ୍ୟ ଶ୍ରୀ ଭୂୟାଁ ପିଲାଙ୍କୁ ଓଡ଼ିଶାରେ ପାଠ ପଢିବା ପାଇଁ ଅଭିଭାବକଙ୍କୁ ପ୍ରବର୍ତ୍ତାଇ ପିଲାଙ୍କୁ ବାରଘର ସ୍ଥିତ ସରକାରୀ ସ୍କୁଲରେ ପଢାଉଥିଲେ। ଏଥସହ ଉଚ୍ଚ ଶିକ୍ଷାପାଇଁ ମଧ୍ୟ ଶ୍ରୀ ଭୂୟାଁ ପଦକ୍ଷେପ ନେଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଏପରି ଜଣେ ଶିକ୍ଷକଙ୍କ ବଦଳି କରିବା ଦ୍ୱାରା ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଉପୁଜିବ ବୋଲି କହିଛନ୍ତି।

ସେହିପରି ଗତ ୨୦୧୮ ମସିହାରେ ତିତ୍‌ଲି ବାତ୍ୟାରେ ଛାରଖାର ହୋଇଯାଇଥିବା ବାରଘାର ଗ୍ରାମ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଠିକ ଭାବେ ସହାୟତା ତଥା ଥଇଥାନ କରାଯାଇ ନ ଥିବା ଅଭିଯୋଗ ମଧ କରିଥିଲେ ଗ୍ରାମବାସୀ। ତିତଲି ବାତ୍ୟାକୁ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରଭାବିତଙ୍କୁ ଦୁଃଖ ସରୁନାହିଁ। ଆଜି ପର୍ଯ୍ୟନ୍ତ ଆମ ଗାଁରେ ପିଇବା ପାଣି, ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ହୋଇରହିଛି। ଚାଷବା।ସ ପାଇଁ ଜମିବାଡି ନାହିଁ। ଦେହ ଖରାପ ହେଲେ ସ୍ୱାସ୍ଥ୍ୟ ସେବାର ସୁବିଧା ନାହିଁ । ସ୍କୁଲ ଓ ଅଙ୍ଗନବାଡି ଘରକୁ ବିଜୁଳି ଓ ପାଣିର ବ୍ୟବସ୍ଥା ନାହିଁ। ସ୍କୁଲ ପାଇଁ ରୋଷେଇ ଘର ଏବଂ ସୁରକ୍ଷା ପାଚେରୀ ନାହିଁ। ଗ୍ରାମବାସୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ। ଘରପଟ୍ଟା ଦିଆଯାଉନାହିଁ। ଲୋକଙ୍କ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଆଜି ଯାଏଁ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଗାଁରେ ଅପହଞ୍ଚ ହୋଇରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ସରକାର, ପ୍ରଶାସନ ଓ ରାଜନେତାଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ଶୁଣୁ ନ ଥିବାର ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ଗ୍ରାମବାସୀ ହାଟ, ବଜାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ଓ ଜୀବନ ଜୀବିକା ପାଇଁ ସବୁବେଳେ ଆନ୍ଧ୍ର ପ୍ରଦେଶ ଉପରେ ନିର୍ଭର କରି ଆସୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରିକି ଆନ୍ଧ୍ରରେ ଶ୍ରମିକ ଭାବେ କାମ କଲେ ଘରେ ଚୁଲି ଜଳୁଥିବା କହିଛନ୍ତି। ଏପରି ଅବ୍ୟବସ୍ଥା ମଧ ଦେଇ ସେମାନେ ଜୀବନଜୀବିକା କଟାଉଥିବା ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଜଣାଇବା ସହ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି। ଏହି ସବୁ ସମସ୍ୟାରେ ଗ୍ରାମବାସୀ ରହିଆସୁଥିବା ବେଳେ ଶିକ୍ଷା ବ୍ୟବସ୍ଥା ସଠିକ୍ ଭାବେ ଚାଲୁ ଥିଲା ଏବଂ ପିଲାଙ୍କ ଉପଯୁକ୍ତ ପାଠପଢ଼ା ହେଉଥିଲା। କିନ୍ତୁ ରାଜନୀତି କରି କିଛି ଲୋକଙ୍କ ପ୍ରରୋଚନା ତଥା ଚାପରେ ଜିଲ୍ଲା ଶିକ୍ଷା ବିଭାଗ ଶିକ୍ଷକ ବାସୁଦେବ ଭୂୟାଁଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଏହାର ପ୍ରତିବାଦ କରୁଥିବା କହିଥିଲେ। ଗ୍ରାମର ସମସ୍ୟାର ତ୍ୱରିତ ସମାଧାନ ନ ହେଲେ ଆଗାମୀ ଦିନରେ ସ୍କୁଲରେ ତାଲା ପକାଯିବା ସହ ଆନ୍ଧ୍ରରେ ମିଶିଯିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି

## ବୁର୍ବିନାଜୁରେ ଟିବି ମୁକ୍ତ ଭାରତ ସଚେତନତା

**ଜି.ଉଦୟଗିରି/ଟିକାବାଲି,୧୫।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବୁର୍ବିନାଜୁ ପଞ୍ଚାୟତ ପରିସରରେ ସରପଞ୍ଚ ସଲିମା ପ୍ରଧାନଙ୍କ ଉପସ୍ଥିତିରେ ଟିବି ମୁକ୍ତ ଭାରତ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ସହିତ ଡା.ସତ୍ୟନାରାୟଣ ପଟ୍ଟନାୟକ ଯୋଗ ଦେଇ ଏଥିନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ବିଭିନ୍ନ ରୋଗର ଚିକିତ୍ସା ସୁବିଧା ସମ୍ପର୍କରେ କହିଥିଲେ। ଯକ୍ଷ୍ମା ରୋଗର ନିରାକରଣ ତଥା ଔଷଧ ଓ ଉତ୍ତମ ଖାଦ୍ୟ ପାଇଁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୧୦୦୦ ଟଙ୍କା ମାସିକ ମିଳିବା ବ୍ୟବସ୍ଥା ରହିଛି। ଏଥିସହ ନିୟମିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ବିଷୟରେ



ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚାୟତ କର୍ମକର୍ତ୍ତା, ୱାର୍ଡମେମ୍ବର ତଥା ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ସରପଞ୍ଚ କୁଇ ଭାଷାରେ ଲୋକଙ୍କୁ ଉଦବୋଧନ ଦେଇ ସ୍ୱାସ୍ଥ୍ୟ ପ୍ରତି ସତର୍କତା ଅବଲମ୍ବନ କରି ଦେଶକୁ ଟିବି ମୁକ୍ତ କରିବାରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ।

## ଜଙ୍ଗଲ ନିଆଁ ପ୍ରତିକାର ପାଇଁ ତାଲିମ ଶିବିର



**ମୋହନା,୧୫।୧(ସମିସ):** ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ପ୍ରତିକାର ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଗିରି ବନପାଳ ସନ୍ତୋଷ ରଥଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଅଗ୍ନିଶମ ଅଧିକାରୀ ଧିରଜ ବିଧାନ, ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ବିନୟ ପ୍ରକାଶ ବୁରୁ ଯୋଗ ଦେଇ ଜଙ୍ଗଲ ନିଆଁର କାରଣ ଓ ଏହାର ପ୍ରତିକାର ଉପରେ ବୁଝାଇଥିଲେ। ବିଶେଷ କରି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ଯୋଗୁଁ ଜଙ୍ଗଲରେ ଲାଗୁଥିବା ନିଆଁ ପ୍ରତି ଦୃଷ୍ଟି ଦେବା ସହ ସବୁ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବାକୁ ଶିବିରରେ ପରାମର୍ଶ ଦିଆଯାଇଥିଲା। ଜଙ୍ଗଲରେ ନିଆଁ ଲାଗିଲେ କିଭଳି ସୁରକ୍ଷିତ ଭାବେ ଲିଭାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ବନ ଓ ପୁଲିସ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ବନପାଳ ଦେବାଶିଷ ଶତପଥୀଙ୍କ ସହ ବିଭିନ୍ନ ଅଞ୍ଚଳର ବନପାଳ, ବନରକ୍ଷୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**ମୋହନା,୧୫।୧(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ନାଥକାର୍ଜୀଙ୍କ ଆମରଆତ୍ମର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘ ସଭାପତି ଶରତ ଚନ୍ଦ୍ର ମଲିକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମୋହନା ଅତିରିକ୍ତ ତହସିଲଦାର ଅଶୋକ କୁମାର ମୁଦୁଲି, ମୁଖ୍ୟବକ୍ତା ପୁଲିସ ଇନିସପେକଟ ଏ ପି ରେଡି, ସାନମାନୀୟଅତିଥି ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା, ସମ୍ପାଦକ ପ୍ରଶାନ୍ତ ବୀର, ସ୍ୱତନ୍ତ୍ର ଅତିଥି ଦୁର୍ଗାମାଧବ ମହାରଣା, ଉପଦେଷ୍ଟା ମାରସେଲ ନାୟକ, ମଧୁସୂଦନ ପାଢ଼ୀ,ସୋମନାଥ ବଳିୟାରସିଂ, ଅନ୍ତର୍ଯ୍ୟାମୀ ନାୟକ, ହାଡ଼ିବନ୍ଧୁ ନାୟକ, ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମଣ ଚୌଧୁରୀ ଓ ସମ୍ପାଦକ ବାବୁଲା ସେଠୀ ସହ ପ୍ରେସ କ୍ଲବର ସଦସ୍ୟ ଯୋଗ ଦେଇଥିଲେ। କାଯ୍ୟକ୍ରମକୁ ପ୍ରଭାକର ଲିମା ଓ ହରିଶ୍ଚନ୍ଦ୍ର ମଲିକ ପ୍ରମୁଖ ପରିଚାଳନା କାରିଥିଲେ। ସଂଘର ସାଙ୍ଗଠନିକ ଦୃଢ଼ତା କିପରି ଆସିବ ସେହି ବିଷୟରେ ଆଲୋଚନା ହୋଇଥିଲା।

## ସଂସ୍କାର ଭାରତୀ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି

**ଦାରିଙ୍ଗବାଡି,୧୫।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରେ ସଂସ୍କାର ଭାରତୀ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କାର ଭାରତୀର ଜିଲ୍ଲା ଉପ ସଭାପତି ରବିଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ କମିଟି ଗଠନ ହୋଇଥିବା ବେଳେ କାର୍ଯ୍ୟକ୍ରମ କିଭଳି ପରିଚାଳନା ହେବ ସେନେଇ ଆଲୋଚନା ହୋଇଥିଲା। ସିମନବାଡ଼ି ଠାରେ ସଂସ୍କାର ଭାରତୀ ପକ୍ଷରୁ ୧୨ ବର୍ଷ ହେବ ନିଆରା ଢଙ୍ଗରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି। ବୈଠକରେ ଜିଲ୍ଲା ସମ୍ପାଦକ କୈଳାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସଂଗଠନ ମନ୍ତ୍ରୀ ବିଚିତ୍ରା ନନ୍ଦ ପ୍ରଧାନ, ସହ ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ପ୍ରାଞ୍ଜିସ ପ୍ରଧାନ, ସାଂସଦ ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ନିରଞ୍ଜନ ପଣ୍ଡା, ମୂର୍ମେ ନାୟକ, ରାଉତ ମାଝୀ ଓ ମୋହନ ପ୍ରଧାନଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ଗୋହତ୍ୟାକୁ ନେଇ ଉତ୍ତେଜନା, ଏତଲା

**କାଶୀନଗର,୧୫।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ଗୋରିବନ୍ଦା ଗ୍ରାମରେ ଗୋ ହତ୍ୟାକୁ ନେଇ ଥାନାରେ ଏତଲା ହୋଇଥିବା ଜଣାପଡିଛି। ସୂଚନା ମୁତାବକ ବୁଧବାର ସକାଳେ ଉକ୍ତ ଗ୍ରାମ ନିକଟରେ କିଛି ବ୍ୟକ୍ତି ଗୋ ହତ୍ୟା କରୁଥିବା ନେଇ ସେହି ଅଞ୍ଚଳର କିଛି ଯୁବକ କାଶୀନଗର ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ କେନ୍ଦ୍ର କରି ଥାନା ଅଧିକାରୀ ସୁନୀଲ ବେହେରା, ଏସଆଇ ଆଲୋକ ରଞ୍ଜନ ଜଗଦଲା, ପ୍ରୀୟବ୍ରତ ସ୍ୱାଇଁ ଓ ସଭିତା ମହାନ୍ତି ଉକ୍ତ ଅଞ୍ଚଳରେ ପହଞ୍ଚି ମୃତ ଗୋରୁକୁ ଜବତ କରିଥିବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ କହିଛନ୍ତି। ସ୍ଥାନୀୟ ଭେଟାନେରୀ ଅଧିକାରୀଙ୍କୁ ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ନିମନ୍ତେ ଲିଖିତ ଭାବେ ଜଣାଇ ଦିଆଯାଇଛି। ବର୍ତ୍ତମାନ ଅଞ୍ଚଳରେ ମକର ସଂକ୍ରାନ୍ତି ପର୍ବ ପାଳନ ହେଉଥିବା ବେଳେ ଏହି ପର୍ବର ପରଦିନ ନିଜ ନିଜ ବନ୍ଧୁ ବାନ୍ଧବ ସହ ଭୋଜି ଭାତ କରି ପାଳନ କରିଥାନ୍ତି। ଭୋଜି ଭାତ ଆୟୋଜନ ପାଇଁ ଏଠାରେ କେହି ଗୋ ହତ୍ୟା କରିଥିବା ବେଳେ ସ୍ଥାନୀୟ ଯୁବକ ବିରୋଧ କରିବା ସହ ପୁଲିସକୁ ସୂଚନା ଦେଇଥିଲେ। ପରେ ଉକ୍ତ ଗ୍ରାମରେ ଘଟଣାକୁ ନେଇ ବହୁ ଯୁକ୍ତିତର୍କ ସହ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ ପହଞ୍ଚି ଶାନ୍ତି ବଜାୟ ରଖିଥିଲା। ଗୋ ହତ୍ୟା କରିବା ଏକ ଅପରାଧ ହୋଇଥିବା ବେଳେ ଉକ୍ତ ଘଟଣାର ତଦନ୍ତ ପରେ ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ଗୁରୁତର ପ୍ରାଞ୍ଜିସ୍ ମୁଣ୍ଡାଙ୍କ ପରଲୋକ

**ରାଇକିଆ,୧୫।୧(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆର ଜଣାଶୁଣା ତଥା ପରିଚିତ ବ୍ୟକ୍ତି ପ୍ରାଞ୍ଜିସ୍ ମୁଣ୍ଡା (୭୦)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କର ପରିବାର ଓ ସମ୍ପର୍କୀୟ କେହି ନ ଥିବା ବେଳେ ସେ ଏକାକି ରହୁଥିଲେ। ଗତ ୪ ତାରିଖରେ ବାସନ୍ତୀପଲୀ, କନଭେଣ୍ଟ ମେଡିକାଲ ଛକ ନିକଟ ଏକ ଘରକୁ ଏକ ଅଟୋ ମାଡିଯାଇଥିଲା। ଏଥିରେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କ



ମଧ୍ୟରେ ପ୍ରାଞ୍ଜିସ୍ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଫୁଲବାଣୀ, ବ୍ରହ୍ମପୁର ଏବଂ ଶେଷରେ ଭୁବନେଶ୍ୱର ସ୍ଥିତ ଏମ୍ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପ୍ରଚାରିତ ହେବାପରେ ରାଇକିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ନମ୍ର ଶାନ୍ତ, ସରଳ, ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ।

# ପୋଙ୍ଗଲ୍ ପାଇଁ କାଶୀନଗର ଉତ୍ସବମୁଖର

**କାଶୀନଗର,୧୫।୧(ସମିସ)**



ପୋଙ୍ଗଲ୍ କାଶୀନଗର ଅଞ୍ଚଳର ଏକ ମୁଖ୍ୟ ପର୍ବ। ଉଭୟ ଓଡ଼ିଆ ଓ ତେଲୁଗୁଭାଷୀ ଲୋକେ ଆନନ୍ଦ ଉତ୍ସାହର ସହ ଏହି ପର୍ବକୁ ପାଳନ କରିଥାନ୍ତି। ଚଳିତ ବର୍ଷ ଜାନୁଆରୀ ୧୩ ସୋମବାର ଦିନ ଏହି ପର୍ବ ପାରମ୍ପରିକ ରୀତିରେ ଭୋଗୀରୁ ଆରମ୍ଭ ହୋଇଥିଲା। ଘର ଅଗଣାରେ ସୁନ୍ଦର ଚିତା ଆଙ୍କିବା ସହ ସେଦିନ ଲୋକେ ବଡ ବଡ ଶୁଖିଲା କାଠଗଣ୍ଡି ଜଳାଇ ରାବଣ ପୋଡି ପାଳନ କରିଥିଲେ। ପୌଷ ପୂର୍ଣ୍ଣମା ବି ସେଦିନ ପଡିଥିବାରୁ ଓଡ଼ିଆଭାଷୀ ଲୋକଙ୍କ ଘରେ ପୋଡପିଠା ପ୍ରସ୍ତୁତ ହୋଇଥିଲା। ମଙ୍ଗଳବାର ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କ ଉତ୍ତରାୟଣ ଆରମ୍ଭ ଅବସରରେ ଓଡ଼ିଆଭାଷୀ ଲୋକେ ଶୁଦ୍ଧପୂତ ଭାବେ ମକର ଚାଉଳ ପୂଜା କରି ବାଣ୍ଟି ଥିବାବେଳେ ତେଲୁଗୁଭାଷୀ ଲୋକେ ନୂଆ ପୋଷାକ ପିନ୍ଧି ଘରକୁ ଆସିଥିବା ବନ୍ଧୁ ବାନ୍ଧବଙ୍କ ସହ ଖୁସି ମନାଇଥିଲେ। ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯିବା ସହ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତି, ଧର୍ମ, ଭାଷା ନିର୍ବିଶେଷରେ ଆବାଳବୃଦ୍ଧବନିତା ବହୁ ସଂଖ୍ୟାରେ ଉପସ୍ଥିତ ରହି ସେ କାର୍ଯ୍ୟକ୍ରମ ଉପଭୋଗ କରିଛନ୍ତି । ଓଡ଼ିଶାର ବାସୁଆ ବଳଦ ଅନୁରୂପ ଆନ୍ଧ୍ରର ଗାଙ୍ଗୀରେଦ୍ଦୁ ଧରି ବହିରାଗତ କିଛି ତେଲୁଗୁଭାଷୀ ଲୋକ ସାହି ବସ୍ତି ବୁଲୁଥିବା ଓ ଲୋକମାନେ ତାକୁ ପୂଜାକରି ଦକ୍ଷିଣା ଦେଉଥିବା ଦେଖାଯାଇଥିଲା। ବୁଧବାର ଦିନ କାନୁମୁ ପାଳନ କରାଯାଇଥିବା ବେଳେ ଗୁରୁବାର ଦିନ ମୁକ୍କାନୁମୁ ପାଳିତ ହେବ । ଖିଆପିଆ ହସଖୁସି ଓ ନାଚଗୀତରେ ସମୟ ବିତିବ। ଉଲ୍ଲେଖ ଯୋଗ୍ୟ ଯେ, କାଶୀନଗର ସବୁବେଳେ ଭାଇଚାରାର ବାର୍ତ୍ତା ଦେଇଆସିଛି। ଏଠାରେ ଓଡ଼ିଆ , ତେଲୁଗୁ , ସଉରା ଭାଷାଭାଷୀ ଲୋକ ଓ ମୁଖ୍ୟତଃ ହିନ୍ଦୁ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀ ବସବାସ କରୁଥିବା ବେଳେ କେବେ ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଏ ଅଂଚଳକୁ ଛୁଇଁ ପାରିନାହିଁ । ସମସ୍ତେ ମିଳିମିଶି ବିଭିନ୍ନ ପର୍ବପର୍ବାଣି ପାଳନ କରି ଆସୁଛନ୍ତି।

# ସୀତା ପାହାଡ଼ରେ ମକର ମେଳା; ଲୋକଙ୍କ ଭିଡ଼



**ପାରଳାଖେମୁଣ୍ଡି,୧୫ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମ ନିକଟରରେ ଥିବା ପବିତ୍ର ସୀତା ପାହାଡରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ମକର ସଂକ୍ରାନ୍ତୀ ପରଦିନ ଏହି ମେଳା ଏଠାରେ ଅନୁଷ୍ଠିତ ହୋଇଥିଲା । ଉଭୟ ଓଡ଼ିଶା-ଆନ୍ଧ୍ର ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମକର ମେଳାରେ ଯୋଗ ଦେଇଥିଲେ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ପର୍ବତରେ ଦେବୀ ସୀତାଙ୍କ ପାଦଚିହ୍ନ ରହିଛି । ତେଣୁ ଭକ୍ତମାନେ ଅତ୍ୟନ୍ତ ଭକ୍ତିର ସହ ଏଠାରେ ପୂଜାର୍ଚ୍ଚନା କରିଥାଆନ୍ତି । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ସୀତାପାହଡ କମିଟି ସମେତ ଗାରବନ୍ଧ, ବଡକତୁରୁ, ଛତ୍ରପୁର ଆଦି ଗ୍ରାମବାସୀ ମେଳା ଆୟୋଜନରେ ସହଯୋଗ କରିଥିଲେ। ସୀତା ପାହାଡ ଉନ୍ନୟନ କମିଟିର ପ୍ରଫୁଲ ପାତ୍ରଙ୍କ ପ୍ରତ୍ୟେକ୍ଷ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ହେଉଥିବା ଜଣାପଡିଛି।

# ବିଧାୟକ ବାଣ୍ଟିଲେ ବର୍ଦ୍ଧିତ ଭତ୍ତା



**ଜଗନ୍ନାଥପ୍ରସାଦ, ୧୫ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ୧୦୦ଜଣ ବୃଦ୍ଧା ଏବଂ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ହାରରେ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । କନ୍ଧମାଳ ସାଂସଦଙ୍କ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ସରପଞ୍ଚ ରଶ୍ମିତା କୁମାରୀ ସେଠୀ, ସମିତି ମେମ୍ବର ଯୁଦ୍ଧିଷ୍ଠିର ସେଠୀ, ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ତାପସ ରଞ୍ଜନ ପ୍ରଧାନ, ସତ୍ୟ ଶୋଭନ ରଥ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଅଞ୍ଚଳର ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ । ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ଜିପିଓ ମାଥୁରାମ ନାୟକ, ପିଇଓ ବସନ୍ତ କୁମାର ସାହୁ, ବ୍ଲକ ସାମାଜିକ ଅଧିକାରୀ ମିତାଲୀ ପ୍ରିୟଦର୍ଶିନୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତି, ସମସ୍ତ ଯନ୍ତ୍ରୀ, ଗ୍ରାମସେବକ ଓ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଛେଳି ଚୋରି ଘଟଣାରେ ଦୁଇ ଗିରଫ

**ରଙ୍ଗେଇଲୁଣ୍ଡା, ୧୫ ।୧(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ମାଝୀଗାଁରେ ଛେଳି ଚୋରି କରିବା ମାମଲାରେ ବୁଧବାର ପୁଲିସ ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ବ୍ରହ୍ମପୁର ମହାନଗର ଅଞ୍ଚଳର ଜି ରାଜେଶ (୨୦) ଓ ଭାବିନିପୁର ଗ୍ରାମ ସୁମନ ରାଉଳ(୨୨) । ମାଝୀଗାଁର ରାମେୟା ପାତ୍ରକ ଗତ ୧୩ ରାତିରେ ଗୁହାଳରେ ଛେଳି ରଖିଥିଲେ । ବିଳମ୍ବିତ ରାତିରେ ଛେଳିଙ୍କ ଚିତ୍କାର ଶୁଣି ଉଠିଯାଇଥିଲେ । ରାମେୟା ଦେଖିବା ବେଳେ ସେତେବେଳେ ଗୋଟିଏ ଛେଳିକୁ ଏକ ବାଇକରେ ୩ ଜଣକ ଯୁବକ ନେଇ ଚମ୍ପଟ ମାରୁଥିଲେ । ଏନେଇ ସେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ ସୁମନ ଓ ରାଜେଶ ସମ୍ପୃକ୍ତ ବୋଲି ଜଣାପଡ଼ିବା ପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଚୋରି ଛେଳିକୁ ବଜାରରେ ବିକ୍ରି କରିଥିବା ନେଇ ଅଭିଯୁକ୍ତ ମାନେ ପୁଲିସ ନିକଟରେ କହିଥିଲେ । ଅପରପକ୍ଷେ ଘଟଣାରେ ସକ୍ଟକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରି ଅଧିକାରୀ କହିଛନ୍ତି ।

## ମାରଦା ମହୋତ୍ସବ ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ ଗଞ୍ଜାମର ଲୋକକଳା

**ପୋଲସରା, ୧୫ ।୧(ସମିସ):**

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ପଞ୍ଚାୟତର ଶରଣ ଶ୍ରୀକ୍ଷେତ୍ର ମାରଦା ପୀଠରେ ତୃତୀୟ ମାରଦା ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ତଥା ମାରଦା ମହୋତ୍ସବର ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଏବଂ ଗଞ୍ଜାମର ସମସ୍ତ



ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତି ରହି ମାରଦା ମନ୍ଦିର ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତିର ବିଭିନ୍ନ କଳା ଗବେଷଣା ଉପରେ ଅଭିଭାଷଣ ରଖିଥିଲେ । ଏହି ଅବସରରେ ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଲୋକକଳା ଓ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା । ପରେ ମାରଦା କମିଟି ଦ୍ୱାରା ଆୟୋଜିତ କରାଯାଇଥିବା ସମସ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ଦର୍ଶକଙ୍କ ଭିଡ଼ ଲାଗିରହିଥିଲା । ସମ୍ମାନିତ ଅତିଥିଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଖଲ୍ଲିକୋଟ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ଜିଲ୍ଲାପାଳ, ଦିବ୍ୟଜ୍ୟୋତି ପରିଡ଼ା, ଏସ ପି ଶୁଭେନ୍ଦୁ କୁମାର ପାତ୍ର, ପିଡି ସୁଶ୍ରୀ ମଧୁମିତା, ଆଠଗଡ଼ ମହାରାଜ ଦୁର୍ଗାଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ, ମଥୁରା ମହନ୍ତ ସୁନ୍ଦର ରାମଦାସ ପ୍ରମୁଖ ମଞ୍ଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାରଦା ମହୋତ୍ସବର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ମୋଚିରାମ ସାହୁ, ମନୋଜ କୁମାର ଖଟୁଆଙ୍କ ସମେତ ବିଡ଼ିଓ କୁରେଶି ଚନ୍ଦ୍ର ଜାନୀ, ତହସିଲଦାର ଦିପ୍ତିମୟୀ ପାତ୍ର, ଥାନା ଅଧିକାରୀ କୌଶିକ୍ ମାଝୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ ଏବଂ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ଉତ୍କଳ ବିଦ୍ୟାପୀଠରେ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**କୁକୁଡ଼ାଖଣ୍ଡି, ୧୫ ।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ସ୍ଥିତ ଉତ୍କଳ ବିଦ୍ୟାପୀଠର ୧୯୯୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଟାମଣା ନିକଟସ୍ଥ ବଟ କାଳୁଆ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୯୯୭ ମାଟ୍ରିକ ବ୍ୟାଚର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ । ଇତିମଧ୍ୟରେ ଦୀର୍ଘ ୨୮ ବର୍ଷ ବିତିଯାଇଛି । ସବୁ ସହପାଠୀ ମାନେ ନିଜ ନିଜର ପାରିବାରିକ ଜଞ୍ଜାଳ ଓ କର୍ମଜଞ୍ଜାଳ ଜୀବନ ମଧ୍ୟରେ ବ୍ୟସ୍ତ ହୋଇଯାଇଛନ୍ତି । ତଥାପି ନିଜ ପିଲାବେଳର ସାଙ୍ଗମାନଙ୍କୁ ମିଶିବାର ଯେଉଁ ଆନନ୍ଦ ରହିଛି ତାହା ଅତି ନିଆରା ବୋଲି ସାଙ୍ଗମାନେ ଚର୍ଚ୍ଚା ହେଇଥିଲା । ପୁରାତନ ଛାତ୍ରମାନେ ନିଜର ସୁଖ ଦୁଃଖ ବାଣ୍ଟିଥିଲେ । ଏହି ଅବସରରେ କାଳୁଆଙ୍କ ପୀଠରେ



ପୂଜାର୍ଚ୍ଚନା କରାଯିବା ସହ ସମସ୍ତେ ନିଜ ନିଜ ପରିବାର ତଥା ସାଙ୍ଗମାନଙ୍କ ଶୁଭ ମନାସିଥିଲେ । ଆଲୋକ ରାଉଳ, ନବୀନ ଦାସ, ସୁଦାମ ବେହେରା, ସୀମାଞ୍ଚଳ ଗୌଡ଼, ଆଦିକନ୍ଦ ଗୌଡ଼, ରାମପ୍ରସାଦ ସାହୁ, ରଞ୍ଜନ ସାହୁ, ସନ୍ତୋଷ ଗୌଡ଼, ବଳରାମ ପାଣିଗ୍ରାହୀ, ଅନନ୍ତ ବିନ୍ଧାଣି, ସୀମାଞ୍ଚଳ ସାହୁ, କେଶବ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବେଲଗୁଣ୍ଠା ପ୍ରେସ୍ କ୍ଲବର ବୈଠକ



**ବେଲଗୁଣ୍ଠା, ୧୫ ।୧(ସମିସ):** ବେଲଗୁଣ୍ଠା ପ୍ରେସ୍ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ବୈଠକ ସ୍ଥାନୀୟ କିରାପଲ୍ଲୀସ୍ଥିତ ମା' କୁମାରଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କ୍ଲବର ଆଇନ ପରାମର୍ଶଦାତା ତଥା ଆଇନଜୀବୀ ଓଁ ପ୍ରକାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ମାର୍ଗଦର୍ଶନ କରାଇ ନିଜ ବକ୍ତବ୍ୟ ରଖିଥିଲେ । ସାଙ୍ଗଠନିକ ଏକତା, ଖବର ପରିବେଷଣ, ସମାଜସେବା, ବୃକ୍ଷରୋପଣ, ରକ୍ତ ଦାନ ଶିବିର ଆଦି କାର୍ଯ୍ୟକ୍ରମକୁ ସମସ୍ତେ ଏକଜୁଟ ହୋଇ ଆଗେଇ ନେବା ପାଇଁ ସଭାପତି ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି, ସହ-ସମ୍ପାଦକ ସରୋଜ ଶତପଥୀ, କୋଷାଧ୍ୟକ୍ଷ ବିଭୁପାଦ ଜେନା, ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବିଷୋୟୀ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସୁଶାନ୍ତ କୁମାର ବେହେରା, ମାଧବ ଚନ୍ଦ୍ର ଆପଟ, ସୁରେଶ ସୁବୁଦ୍ଧି, ପଞ୍ଚାନନ ସାହୁ, ତୋଫାନ ସାହୁ, ଶିବରାମ ଚୌଧୁରୀ, ପ୍ରଦୀପ କୁମାର ଚୌଧୁରୀ, ବିନ୍ଦୁପ୍ରିୟା ଦାସ ଓ ବର୍ଷାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ନକଲି ସୁନା ଦେଇ ଟଙ୍କା ନେଇଗଲେ

**ସାନଖେମୁଣ୍ଡି, ୧୫ ।୧(ସମିସ):** ନକଲି ସୁନା ଅଳଙ୍କାର ଦେଖେଇ ଆଖିରେ ଧୂଳି ଦେଇ ୧୨ ହଜାର ନେଇଗଲେ ଅଜଣା ମହିଳା । ଏଭଳି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପାଟପୁର ରେଡ୍ଡୀ ସାହିରେ । ପାଟପୁର ରେଡ୍ଡୀ ସାହିର ରାଜେନ୍ଦ୍ର ରେଡ୍ଡୀଙ୍କ ଘରେ ବୁଧବାର ଅପରାହ୍ନ ସମୟରେ ଜଣେ ଅଜଣା ମହିଳା ଆସି ସୁନା ବନ୍ଧକ ରଖି ଟଙ୍କା ଦେବାକୁ କହିଥିଲେ । ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ବାରମ୍ବାର ନେହୁରା ପରେ ରାଜେନ୍ଦ୍ରଙ୍କ ସ୍ତ୍ରୀ କଲ୍ୟାଣୀ ରେଡି ଅଚିହ୍ନା ମହିଳାଙ୍କୁ ୧୨ ହଜାର ଟଙ୍କା ଦେଇ ଦେଇଥିଲେ । କିଛି ସମୟ ପରେ ଏମାନେ ଜାଣିବା ପରେ ଜାଣିବାକୁ ପାଇଥିଲେ ଯେ ଏହି ସୁନା ଅସଲି ନୁହେଁ ନକଲି ସୁନା । ପରେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଲୋଭରେ ଏହି ଠକେଇର ଶିକାର ହୋଇଥିବା ମହିଳା ଏବଂ ତାଙ୍କ ପରିବାର ଗରିବ ନିରୀହ ଶ୍ରେଣୀର ହୋଇଥିବାରୁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି । ଅପରପକ୍ଷେ ସମ୍ପୃକ୍ତ ମହିଳାଙ୍କ ଟେର ମିଳିନି ।

# ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ବ୍ୟାସକବିଙ୍କ ଜୟନ୍ତୀ



**ବ୍ରହ୍ମପୁର, ୧୫ ।୧(ସମିସ):** ସ୍ଥାନୀୟ ମହାନ ସଂଘ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି । ପ୍ରତିଷ୍ଠାନ ସଭାପତି ଶ୍ରଦ୍ଧାଞ୍ଜଳି ଦେବାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଫକୀର ମୋହନ ସେନାପତି ଓଡ଼ିଶା ସାହିତ୍ୟ ଜଗତର ଅମୂଲ୍ୟ ରତ୍ନ ବୋଲି କୁହାଯାଇଥିଲା । ତାଙ୍କର ରଚିତ ଛ' ମାଣ ଆଠ ଗୁଣ୍ଠ, ରେବତୀ, ସୁନା ବୋହୂ, ଡାକ ମୁନ୍ସୀ ଓ ଧୂଳିଆ ବାବା ପ୍ରମୁଖ ଉପନ୍ୟାସ ଆଜିବି ଲୋକପ୍ରିୟତା ରହିଥିବା ବୈଠକରେ କୁହାଯାଇଥିଲା । ଶେଷରେ ନିବେଦିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାସିନୀ ପଣ୍ଡା, ପ୍ରକାଶ ଚନ୍ଦ୍ର ଭଜନୀ, ରିତାଞ୍ଜଳୀ ସ୍ୱାଇଁ, ପ୍ରଫୁଲ୍ଲ କୁମାର ପାତ୍ର, ପୁଷ୍ପାଞ୍ଜଳି ମହାପାତ୍ର, ଅଲେଖ ଦାସ, ଡ଼. ସୁରଜିତ ପାଣିଗ୍ରାହୀ ଓ ଆଦିତ୍ୟ ନାରାୟଣ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସୂତାର ବଂଶର ବାର୍ଷିକ ବୈଠକ ଓ ଆଲୋଚନା

**କବିସୂର୍ଯ୍ୟନଗର, ୧୫ ।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବିଶ୍ୱକର୍ମା ବଡେଇ କୁଳ ସୁତାର ମହାପାତ୍ର ବଂଶ ସମାଜର ବାର୍ଷିକ ସମ୍ମିଳନୀ ମା'ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଥିଲା । ସଭାପତି ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାରଣା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଂଶର ସାମାଜିକ, ଆର୍ଥିକ, ସ୍ୱାସ୍ଥ୍ୟ, ଶିକ୍ଷାର ବିକାଶରେ ହିଁ ବଂଶର ଉନ୍ନତି ସମ୍ଭବ ବୋଲି ମତ ବ୍ୟକ୍ତ କରିଥିଲେ । ଉପ ସଭାପତି ଅବସର ପ୍ରାପ୍ତ କ୍ୟାପଟେନ ଶ୍ରୀନିବାସ ମହାରଣା ସଂଗଠନର ଉତ୍ତର



ଦାୟିତ୍ୱ ବିସ୍ତୃତ ଆଲୋକପାତ କରାଇଥିଲେ । ସମ୍ପାଦକ ଉଦୟନାରାୟଣ ମହାରଣା ବଂଶର କାର୍ଯ୍ୟଧାରା ବିବରଣୀ ପାଠ ସହ ସାଂଗଠନିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ତାରିଣୀ ମହାରଣା ବାର୍ଷିକ ଆୟବ୍ୟୟର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆରପିଏଫ୍, ଚିଫ୍ କମାଣ୍ଡେଣ୍ଟ ବିଜୟ କୁମାର ମହାରଣାଙ୍କ କରକମଳରେ ୨୦୨୪ ମସିହାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ସଭାରେ ଗଞ୍ଜାମ, କଳାହାଣ୍ଡି ତଥା ଅନ୍ୟ ଜିଲ୍ଲାରେ ବସବାସ କରୁଥିବା ବଂଶର ୪୭୦ ପରିବାରରୁ ପ୍ରାୟ ୪୦୦ ଜଣ ବଂଶଜ ଉପସ୍ଥିତ ଥିଲେ ।

# ଫକୀରମୋହନ ସେନାପତି ଜୟନ୍ତୀ

**ଭଞ୍ଜନଗର, ୧୫ ।୧(ସମିସ):** ଡିଏଭିପିଟିଏସଆର ପବ୍ଲିକ ସ୍କୁଲ ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ କରାଯାଇଛି । ଏ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ଘୃତଯଜ୍ଞର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ଓ କର୍ମଚାରୀମାନେ ବ୍ୟାସକବି ଫକୀରମୋହନ ଓ ପଣ୍ଡିତ ଶ୍ରୀଧର ରଥଙ୍କ ଚରଣ କମଳରେ ପୁଷ୍ପାର୍ପଣ କରିଥିଲେ । ଯଜ୍ଞ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷକ ମନୋରଞ୍ଜନ ମିଶ୍ର, ମନୋରଞ୍ଜନ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ୧୯୭୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ



**ଧରାକୋଟ, ୧୫ ।୧(ସମିସ):** ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ୧୯୭୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ନିକଟସ୍ଥ ଶାନ୍ତିଝର ପର୍ଯ୍ୟଟନ ପୀଠରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଶରତ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ବିଦ୍ୟାର୍ଥୀ ଭଗବାନ ପରିଡ଼ା, ସୂର୍ଯ୍ୟନାରାୟଣ ମୁନି, ଗଣେଶ ପୁରୋହିତ, କାହ୍ନୁଚରଣ ମିଶ୍ର ଓ ସୂର୍ଯ୍ୟନାରାୟଣ ସୁଆର ନିଜ ନିଜ ପାରିବାରିକ ଜୀବନର ଅନୁଭୂତି ବଖାଣି ଥିଲେ । ସମାଜ ପ୍ରତି ନିଜ ନିଜର କର୍ତ୍ତବ୍ୟ, ପରିବାର ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ନାଗରିକ ଭାବରେ ସାମାଜିକ ମୂଲ୍ୟବୋଧକୁ ଅତୁଟ ରଖି ନିରାମୟ ସମାଜ ଗଠନ ପାଇଁ ସମସ୍ତେ ଶପଥ ପାଠ କରିଥିଲେ । ଏହି ଅବସରରେ ଆସନ୍ତା ବର୍ଷ ବେଠୁଆର ଗ୍ରାମ ନିକଟରେ ଥିବା ମା' ଘୋଡାଦେଇ ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା ।

# ଜଳିଗଲା ୭ ଏକର ଧାନ ଫସଲ

**ଆସିକା, ୧୫ ।୧(ସମିସ):** ଗତ ୫ ଦିନ ମଧ୍ୟରେ କେବଳ ଗଞ୍ଜାମ ଜିଲ୍ଲା ଆସିକାର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଭରଣ ଭରଣ ଧାନ ଗଦା ମଧ୍ୟ ପୋଡି ପାଉଁଶ ହେଲାଣି । ଆସିକା ବ୍ଲକ ଖଣ୍ଡ ଦେଉଳି ଗ୍ରାମ ପଞ୍ଚାୟତର ଗୌଡ଼ଗୋଠ ଗ୍ରାମର ଦୁଇଟି ଗଦାରେ ଅମଳ ପାଇଁ ରଖା ଯାଇଥିବା ପାଖାପାଖି ସାତ ଏକର ଜମିର ଧାନକୁ କେହି ନିଆଁ ଲଗାଇ ଦେଇଛି । ଫଳରେ ତାହା ପୋଡି ପାଉଁଶ ହୋଇଯାଇଛି । ଗ୍ରାମର ଭୂଷଣ ପ୍ରଧାନଙ୍କ ଧାନ ପୋଡି ଯାଇଥିବା ବେଳେ ଆସିକା ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଛି । ସେପଟେ ଅସହାୟ ହୋଇପଡ଼ିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଥିବା ଦେଖିବାକୁ ମିଳିଛି ।



# ଚାନ୍ଦିପୁଟ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର



**ମୋହନା, ୧୫।୧(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁଟ ଇନ୍ଦିରା ସ୍ମୃତି କଲେଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଏହି ଶିବିରକୁ କାର୍ଯକ୍ରମ ସଂଯୋଜିକା ତଥା ଅଧ୍ୟାପିକା ସାଗରିକା ରଇତ ପରିଚଳନା କରିଥିବା ବେଳେ କଲେଜ ଅଧକ୍ଷ ଡ଼.ରଧାରମଣ ମହାନ୍ତି ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଡ଼. ରାମାନୁଜ ଆଚାର୍ଯ୍ୟ ଯୋଗଦେଇ ଶିବିର ଉଦଘାଟନ କରିଥିଲେ । ଉଦଘାଟନୀ କାର୍ଯକ୍ରମରେ ଅଧ୍ୟାପକ ଅନିଲ ପଟ୍ଟନାୟକ, ଅଧ୍ୟାପିକା ଅନୁସୁୟା ପଲେଇ, ମହାଶ?ବେତା ଭୂୟାଁ ଓ ରୁଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ତାଲିମଦାତା ଭାବେ ତପସ୍ୱିନୀ ଦଳାଇ ଓ ଅମିତା ଜାନି ଛାତ୍ରୀଙ୍କୁ ଆନ ସୁରକ୍ଷା ତାଲିମ ଦେଉଥିବା ବେଳେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଶିବିର ଜାରି ରହିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୁଗୁଡା, ୧୫ ।୧(ସମିସ):** ବୁଗୁଡା ସହରରେ ଅବସ୍ଥିତ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ପ୍ରାକ୍ତନ ବିଧାୟକ ସୀମାଞ୍ଚଳ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଅଧିବକ୍ତା ହର ପ୍ରସାଦ ଦାଶ, ପ୍ରାକ୍ତନ ଅଧ୍ୟାପକ ରାମଚନ୍ଦ୍ର ବିଷୋୟୀ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ଡଃ. ବ୍ରଜକିଶୋର ପାଢ଼ୀ ଓ ସତ୍ୟ ନାରାୟଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଅଭିଯୋଗ; ରାସ୍ତା ଅବରୋଧ

**ନୂଆଗଡ଼, ୧୫।୧(ସମିସ):**

ବିଦ୍ୟୁତ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ସନ୍ଦେହ କରି ଲୋକେ କଲେ ରାସ୍ତା ଅବରୋଧ । ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ସେରଙ୍ଗ ଥାନା ଅଧୀନ ଖଜୁରୀପଦା ଫାଣ୍ଡି ଅନ୍ତର୍ଗତ ବଡ଼ପଦା ଗ୍ରାମରେ । ମୃତ ଯୁବକ ହେଲେ ରାମଗିରି ଗ୍ରାମର କାଳିଆ ଚୌଧୁରୀ(୩୧) । ସୂଚନା ମୁତାବକ ମଙ୍ଗଳବାର ମକର ସଂକ୍ରାନ୍ତି ପାଳନ ନିମନ୍ତେ କାଳିଆ ତାଙ୍କ ବଡଭଉଣୀ ଘର ବଡ଼ପଦାକୁ ଆସିଥିଲେ । ବୁଧବାର ସକାଳେ ବାରିପଟରେ ଥିବା ପଣସ ଗଛରୁ ପଣସ ତୋଳୁଥିଲେ । ହେଲେ ହଠାତ ଗଛରୁ ତଳେ କଚାଡ଼ି ହୋଇ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକ କାଳିଆଙ୍କୁ ଗୁରୁତର ଅବସ୍ଥାରେ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହି ଗଛକୁ ଲାଗି ବିଦ୍ୟୁତ୍ ତାର ଯାଇଥିବାରୁ କାଳିଆ ବିଦ୍ୟୁତ ଆଘାତରେ ତଳକୁ ଛିଟିକି ପଡ଼ିଥିବା ପରିବାର ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରି ସ୍ୱାସ୍ଥ୍ୟକେନ୍ଦ୍ର



ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ ୩୨୬(ଏ) ରାସ୍ତା ଅବରୋଧ କରିଥିଲେ । ଖବର ପାଇ ସେଠାରେ ସେରଙ୍ଗ ଥାନା ଅଧିକାରୀ ନଳିନୀ କହଁର, ଖଜୁରୀପଦା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗା, ବିଡିଓ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାର୍ଜି ଏବଂ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିବାର ବର୍ଗଙ୍କୁ ସ୍ୱାନ୍ତ୍ୱନା ଦେବାସହ ରେଡ଼କ୍ରସ ପାଣ୍ଠିରୁ କିଛି ସହାୟତା ପ୍ରଦାନ କରିଥିଲେ । ୫ଘଣ୍ଟା ରାସ୍ତା ଅବରୋଧ ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା । ପୁଲିସ ମୃତଦେହ ଜବତ କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ସେ ଗଛରୁ ପଡ଼ି ମୃତ୍ୟୁବରଣ କରିଛନ୍ତି କି ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି ତା'ର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗା ସୂଚନା ଦେଇଛନ୍ତି ।

# ଜଙ୍ଗଲ ନିଆଁ ଦମନ ଓ ପରିବେଶ ସଚେତନତା

**ଭଞ୍ଜନଗର, ୧୫ ।୧(ସମିସ):** ସ୍ଥାନୀୟ କଣ୍ଟେଇପଲ୍ଲୀ ଠାରେ ବନ ସୁରକ୍ଷା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ସେନା କର୍ମଚାରୀ ମହେନ୍ଦ୍ର କୁମାର ସ୍ୱାଇଁ ଏବଂ ବନ ସୁରକ୍ଷା କର୍ମୀ ଶୁଳପାଣି ଶତପଥୀ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପାଣିଗ୍ରାହୀ, ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ବିଶୋୟୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କୁ ବନର ସୁରକ୍ଷା ମାଧ୍ୟମରେ ପରିବେଶ ସୁରକ୍ଷା କିପରି କରାଯାଇ ପାରିବ, ସେନେଇ ପରାମର୍ଶ ଦିଆଯାଇଥିଲା । ଆଗକୁ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ଥିବାରୁ ତାହା କିପରି ଦମନ କରାଯିବ, ଏବଂ ପରିବେଶ ସୁରକ୍ଷା କରାଯିବ ସେନେଇ ସଚେତନ କରାଯାଇଥିଲା ।

● ଶାଶୂ ଘରେ ବୋହୂଙ୍କ ମୃତ୍ୟୁ ଘଟଣା

## ସ୍ୱାମୀ ପରେ ଶାଶୂ, ଶଶୁର ଗିରଫ

ସାନଖେମୁଣ୍ଡି, ୧୫ ।୧(ସମିସ): ପାଟପୁର ଥାନା ଏସ୍. ଗୋପାଳପୁର ଗ୍ରାମରେ ଗତ ଡ଼ିସେମ୍ବର ୨୪ ତାରିଖ ରାତିରେ ଜଣେ ନବବଧୂଙ୍କ ମୃତ୍ୟୁ ଘଟଣାରେ ଶାଶୁ ଓ ଶଶୁରଙ୍କୁ କୋର୍ଟଚାଲାଣ କରିଛି । ଏସ.ଗୋପାଳପୁର ଗ୍ରାମର ବିକ୍ରମ ବରାଡଙ୍କ ସ୍ତ୍ରୀ ନିଶା ପ୍ରଧାନଙ୍କ ମୃତ୍ୟୁ ପରେ ନିଶାଙ୍କ ମା' ଦିଗପହଣ୍ଡି ଥାନା ଭୁଶୁଣ୍ଡା ଗ୍ରାମର କୁମାରୀ ପ୍ରଧାନ ପାଟପୁର ଥାନାରେ ଏତଲା ଦେଇଥିଲେ । ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ମାମଲା ରୁଜୁ କରି ଛତ୍ରପୁର ସାଇଣ୍ଟିଫିକ ଟିମ୍ ଆଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ମାମଲାର ତଦନ୍ତକାରୀ ଅଧିକାରୀ ଆଇଆଇସି ଅଭିଯୁକ୍ତ ନିଶାଙ୍କ ଶାଶୁ ଭାସିନି ବରାଡ଼ ଏବଂ ଶଶୁର ଭଗବାନ ବରାଡଙ୍କୁ ଗିରଫ କରି ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟ କୋର୍ଟକୁ ଚାଲାଣ କରିଛନ୍ତି । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୁଲିସ ପୂର୍ବରୁ ନିଶାଙ୍କ ସ୍ୱାମୀ ବିକ୍ରମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ।

## ପୃଥକ ଦୁର୍ଘଟଣାରେ ଦୁଇ ଆହତ

ଭଞ୍ଜନଗର, ୧୫ ।୧(ସମିସ): ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ ଦୁଇଟି ଦୁର୍ଘଟଣା ଘଟିଛି । ଏକ ଅଟୋ ଭଞ୍ଜନଗର ପଟୁ ଗାଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ବିଞ୍ଝଣା ନିକଟରେ ରାସ୍ତା କଡ ଗଛକୁ ପିଟି ହୋଇ ଯାଇଥିଲା । ଫଳରେ ଅଟୋରେ ବସିଥିବା ଡ୍ରାଇଭର ସମେତ ଦୁଇ ଜଣ ଆହତ ହୋଇଥିଲେ । ସେମାନଙ୍କୁ ଗୋବରା ମେଡିକାଲରେ ଚିକିତ୍ସା କରାଯାଇଛି । ସେହିଭଳି କ୍ଷତ୍ରିୟବରପୁର ନିକଟରେ ଗାଙ୍ଗପୁରରୁ ବେଲଗୁଣ୍ଠା ଅଭିମୁଖେ ଆସୁଥିବା ସରକାରୀ ବସ୍ ସହ ଏକ କାର୍ ଦୁର୍ଘଟଣା ଘଟିଛି । ବସ୍‌ର କୌଣସି କ୍ଷତି ହୋଇନଥିବା ବେଳେ କାର୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି । କାର୍‌ଟି କ୍ଷତ୍ରିୟବରପୁର ଗାଁରୁ ଗାଙ୍ଗପୁର ଅଭିମୁଖେ ଯିବାପାଇଁ ବାହାରୁଥିବା ବେଳେ ବସ୍ ସହ ଧକ୍କା ହୋଇଥିଲା । ତେବେ ଏଥିରେ କେହି ଆହତ ହୋଇ ନାହାନ୍ତି । ଏନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି ।

## ଭେଜିପୁଟରୁ ଚୋରି ସ୍କୁଟି କୋଦଳାରୁ ମିଳିଲା

ଖଲ୍ଲିକୋଟ, ୧୫ ।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମରୁ ଚୋରି ହୋଇଥିବା ସ୍କୁଟିକୁ କୋଦଳାରୁ ଉଦ୍ଧାର କରାଯାଇଛି । ଏଥିସହ ଅଭିଯୁକ୍ତକୁ ମଧ୍ୟ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗତ ମାସ ୭ ତାରିଖ ରାତିରେ ଭେଜିପୁଟ ଗ୍ରାମର ଦୀନବନ୍ଧୁ ସାହୁ ନିଜ ଘର ସାମନାରେ ରଖିଥିବା ଟିଭିଏସ ଯୁପିଟର ସ୍କୁଟି ନମ୍ବର



ଓଡି ୦୨ ସିଏକ୍ସ ୫୦୧୭କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲା । ପର ଦିନ ସକାଳୁ ସ୍କୁଟି ନ ଥିବା ଦେଖି ଦୀନବନ୍ଧୁ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଅନୁସନ୍ଧାନ ଆରମ୍ଭ କରିଥିଲେ । ଗତ ମାସ ୨୮ ତାରିଖରେ କୋଦଳା ଛକରୁ ସ୍କୁଟିକୁ ପୁଲିସ ଉଦ୍ଧାର କରିଥିବା ବେଳେ ଚୋର ସେଠାରୁ ଚମ୍ପଟ ମାରିଥିଲା । ତେବେ ପୁଲିସ ଅନୁସନ୍ଧାନ କରି ଗାଡି ଚୋରି କରିଥିବା ଅଭିଯୋଗରେ ବୁଧବାର କୋଦଳା ରେଞ୍ଜର ବଙ୍ଗଳାରୁ ଅଭିଯୁକ୍ତ ଏମ. ଶରଣ (୨୯)କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଉଦ୍ଧାର ହୋଇଥିବା ସ୍କୁଟକୁ ଅଭିଯୋଗ କାରୀ ଦୀନବନ୍ଧୁ ସାହୁଙ୍କୁ ହସ୍ତାନ୍ତର କରାଯାଇଥିବା ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି ।

## ଜିଲ୍ଲା ପାରମ୍ପରିକ ମତ୍ସ୍ୟକର୍ମୀ ସଂଘର କର୍ମଶାଳା

ଗଞ୍ଜାମ, ୧୫ ।୧(ସମିସ): ଗଞ୍ଜାମ ସହର ସ୍ଥିତ ଯୋଶଦା ମହିଳା ଡିଗ୍ରୀ କଲେଜ ପରିସରରେ (ଓଟିଏଫଡ଼ବ୍ଲ୍ୟୁୟୁ) ଜିଲ୍ଲା ପରମ୍ପାରିକ ମତ୍ସ୍ୟ କର୍ମୀ ୟୁନିୟନ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୟୁନିୟନର ସଭାପତି ଭୋଗିରାଜୁ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ସମ୍ବନ୍ଧରେ ଉକ୍ତ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ଆଲୋଚନାଚକ୍ରରେ ରାଜ୍ୟ ମତ୍ସ୍ୟଜୀବୀ ସଙ୍ଘ ସମ୍ପାଦକ କେ. ଏଲେୟା, ୟୁଏର ସମ୍ପାଦକ ମଙ୍ଗରାଜ ପଣ୍ଡା, ପୂର୍ବତନ ଜିଲ୍ଲା ମତ୍ସ୍ୟଜୀବୀ ସଭାପତି ଏସ. ରାଜାରାଓ, ସମ୍ପାଦକ ସିଏଚ ବାବାଜୀ, ପୂର୍ବତନ ସମ୍ପାଦକ ଏ. କାଲେୟା, ବି. ରୁଦ୍ରାୟା, କେ. ରଘୁ, କେ ମାଧେୟା, ଏ. ସନ୍ୟାସୀ, ମାଗତା ବେହେରା, ବୁଦ୍ଧିମନ୍ତ ବେହେରା ପ୍ରମୁଖ ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମର ଭଦ୍ରବ୍ୟକ୍ତି ଯୋଗଦେଇ ସୁଚିନ୍ତିତ ମତ ପ୍ରକାଶ କରିଥିଲେ । ଆଇନ ପରିବର୍ତ୍ତନ ପୂର୍ବରୁ ପ୍ରତ୍ୟେକ ଗ୍ରାମ୍ୟ ସ୍ତରରେ ଆଲୋଚନା କରି ଜିଲ୍ଲା ସ୍ତରରେ ଓ ପରେ ରାଜ୍ୟସ୍ତରରେ ଆଲୋଚନା କରି ଯାହା ନିଷ୍କର୍ଷ ବାହାରିବ ରାଜ୍ୟ ସରକାର ଓ ମତ୍ସ୍ୟ ବିଭାଗ୍ରକୁ ଅବଗତ କରିବା ପାଇଁ ନିଷ୍ପତି ହୋଇଥିଲା ।

## ୧୯୯୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ

ଗୋଷାଣି, ୧୫ ।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡିରେ ଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ୧୯୯୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତତ୍କାଳୀନ ଛାତ୍ର ଗୁରାଣ୍ଡି ସ୍ଥିତ ହାଇସ୍କୁଲରେ ଏକତ୍ର ହୋଇଥିଲେ । ବିଦ୍ୟାଳୟ ପରିଦର୍ଶନ କରିବା ସହ ସ୍ମୃତିଚାରଣ ନିମନ୍ତେ ଫଟୋ ଉଠାଇଥିଲେ । ଏହା ସହ ଆନ୍ଧ୍ର ପ୍ରଦେଶର ଆଖୁପଲ୍ଲୀ ସମୁଦ୍ର ତଟକୁ ଯାଇ ଭୋଜି ଭାତର ଆୟୋଜନ କରିଥିଲେ । ସେମାନେ ନିଜ ନିଜର ଅନୁଭୁତି, ପାଠପଢ଼ା ସମୟର ସ୍ମୃତିକୁ ସାଉଁଟିବା ସହ ବାଲ୍ୟ ଅବସ୍ଥାରେ କିଏ କେଉଁଠି ପଢୁଥିଲେ ଏବଂ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ପାରଳାଖେମୁଣ୍ଡି, ୧୫ ।୧(ସମିସ)



ଗଜପତି ଜିଲ୍ଲା ମୋହନା ବ୍ଲକ ଗୋବିନ୍ଦପୁର କ୍ଷେତ୍ରୀ ସାହୁ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ଅନିୟମିତା କାର୍ଯ୍ୟଶୈଳୀକୁ ନେଇ ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗକାରୀ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ପୃଥକ ପୃଥକ ସ୍ମାରକପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଅଭିଭାବକ, ଗ୍ରାମବାସୀ ଓ ଜଣେ ଛାତ୍ର ଏକତ୍ର ହୋଇ ଜିଲ୍ଲାପାଳଙ୍କୁ ଭେଟି ପ୍ରଧାନଶିକ୍ଷକଙ୍କ ବିଭିନ୍ନ ଅନିୟମିତତା ସମ୍ପର୍କରେ କହିଥିଲେ । ସେମାନେ ଜଣାଇଛନ୍ତି ଯେ କ୍ଷେତ୍ରୀ ସାହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବହୁ ଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ଏହା ସହ ସେ ବିଦ୍ୟାଳୟକୁ ଦିନ ୧୧ଘଣ୍ଟା ପରେ ଆସୁଛନ୍ତି । ଏହା ସହ ବିଦ୍ୟାଳୟର କର୍ମଚାରୀଙ୍କ ଉପସ୍ଥାପନ ଖାତାକୁ କେତେକ କର୍ମଚାରୀଙ୍କ ଜାଣତରେ ନିଜ କବଜାକୁ ନେଇଛନ୍ତି । ଅଭିଯୋଗ ହେବାପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦୀର୍ଘ ଦିନର ଅନୁପସ୍ଥିତି ସମ୍ପର୍କରେ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଆସିଥିଲା । ସେବେ ଠାରୁ ଉପସ୍ଥାପନ ଖାତା ନିଜ ଅଧୀନରେ ରଖିଛନ୍ତି । ସେହିପରି ଦୁଇ ବର୍ଷ ହେଲା ବିଦ୍ୟାଳୟରେ ପାଠ ପଢୁଥିବା ବହୁ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମଧ୍ୟ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏହି ବିଦ୍ୟାଳୟର ଜଣେ ନବମ ଶ୍ରେଣୀର ଛାତ୍ର ମଧ୍ୟ ନିଜ ନାମ ରାଜ୍ୟ ମାଧ୍ୟମିକ ବୋର୍ଡରେ ନାମାଙ୍କିତ ହୋଇ ନ ଥିବାକୁ ନେଇ ମଧ୍ୟ ଅଭିଯୋଗ କରିଛନ୍ତି । ଛାତ୍ରଙ୍କ ବାପାମା ନଥିବା ବେଳେ ଅଜାଙ୍କ ଘରେ ରହି ଏହି କ୍ଷେତ୍ରୀସାହୁ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି । ସେ ଚଳିତ ବର୍ଷ ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ନିଜ ନାମ ଲେଖାଇଥିଲେ । ହେଲେ ପ୍ରଧାନଶିକ୍ଷକ ତାଙ୍କ ନାମକୁ ବୋର୍ଡରେ ନାମାଙ୍କିତ କରି ନ ଥିବା ଅଭିଯୋଗ ହୋଇଛି । ଏନେଇ ଛାତ୍ର ଜଣକ କହିଛନ୍ତି ସମସ୍ୟାକୁ ନେଇ ପ୍ରଧାନଶିକ୍ଷକଙ୍କୁ ପଚାରିଲେ ସେ ସଠିକ୍ ଉତ୍ତର ଦେଉନାହାନ୍ତି । ଛାତ୍ର ଜଣକ ଆଗାମୀ ବୋର୍ଡ ପରୀକ୍ଷା ଦେଇପାରିବେ କି ନାହିଁ ସେନେଇ ଦୋଛକିରେ ରହିଥିବାର ପ୍ରକାଶ କରିଛନ୍ତି । ସେ ଜିଲ୍ଲାପାଳଙ୍କୁ ଭେଟି ନିଜର ନାମ ରାଜ୍ୟ ମାଧ୍ୟମିକ ବୋର୍ଡରେ ନାମ ନାମାଙ୍କିତ କରାଗଲେ ଆଗାମୀ ଦିନରେ ପାଠପଢ଼ିବା ଇଚ୍ଛାଶକ୍ତି ବଢ଼ିବ ବୋଲି କହିଛନ୍ତି ।

## ଧାନମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

କୁକୁଡ଼ାଖଣ୍ଡି, ୧୫ ।୧(ସମିସ): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଢ଼େଙ୍ଗାପଦର ପଞ୍ଚାୟତରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି ।। ଲକ୍ଷ୍ମୀ ମହିଳା ଗ୍ରୁପ୍ ପକ୍ଷରୁ ଏହି ଧାନ ମଣ୍ଡି ଉଦଘାଟିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହପାତ୍ର, ସମ୍ମାନିତ ଅତିଥି ରୂପେ କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ, ବ୍ଲକ ଉପାଧକ୍ଷା ବିଷ୍ଣୁ ପ୍ରିୟା ପାତ୍ର, ବ୍ଲକ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ସିଡ଼ିପିଓ କୁସୁମ ସାହୁ ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । ଗ୍ରୁପର ସଭାନେତ୍ରୀ ରୀଙ୍କୁ



ବେହେରା, ସମ୍ପାଦିକା ପ୍ରତିମା ବେହେରା, ଉମା ଭାରତୀ ଜେନା, କଳ୍ପନା ଜେନା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ଧାନ ମଣ୍ଡି ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଆର୍‌ଆଇ, ଯୁବ ସମାଜ ସେବୀ କାହ୍ନୁ ଚରଣ ଜେନା, ପ୍ରମିଳା ଜେନା, ଶିଶିର ସ୍ୱାଇଁ, ପିଣ୍ଟୁ ସ୍ୱାଇଁ, ତୋଫାନ ସ୍ୱାଇଁ, ଚାଷୀ ଶିବ ସେଠୀଙ୍କ ସମେତ ପଞ୍ଚାୟତର ବହୁ ଚାଷୀ ଓ ମହିଳା ଗ୍ରୁପର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜଗନ୍ନାଥପ୍ରସାଦ, ୧୫ ।୧(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସନାତନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ପ୍ରମୋଦ କୁମାର ଚୌଧୁରୀ ସଚେତନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ, ଓଡ଼ିଶା, ଗଞ୍ଜାମ ଓ ଜଗନ୍ନାଥ ପ୍ରସାଦ ଅଞ୍ଚଳର ସଡ଼କ ଦୁର୍ଘଟଣା କିପରି କ୍ରମାଗତ ହ୍ରାସ ସହ ବିସ୍ତୃତ ପରିସଂଖ୍ୟାନ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋକନାଥ ମହାନ୍ତି, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଅରୁଣ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ ପ୍ରଧାନ ଯୋଗଦେଇଥିଲେ । ଅଧ୍ୟାପକ ବିଭୂତି ଭୂଷଣ ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଅଧ୍ୟାପିକା ସୁଚରିତା କର ଉପସ୍ଥିତ ଥିଲେ । ଯୁବ ରେଡକ୍ରସ୍ କାଉନସିଲର ଶ୍ରୀଯୁକ୍ତ ନିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରନ୍ଥାଗାରିକ ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକ ସମେତ ସ୍ୱେଚ୍ଛାସେବୀ ଓମ୍ ପ୍ରକାଶ ପ୍ରଧାନ, ନୀଳାଞ୍ଚଳ ପ୍ରଧାନ, ଚନ୍ଦନ ଗୌଡ଼, ଶୋଭନ ସାହୁ, ଲିପୁ ସାହୁ, ରାଜେନ୍ଦ୍ର ନାୟକ, ଅଙ୍କିତା ଡାକୁଆ, ପୁଷ୍ପାଞ୍ଜଳି ପ୍ରଧାନ, ସାଇରାମ ପ୍ରଧାନ, ସ୍ମୃତିରାଣି ନାୟକ, ବରୁଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## 'ମୋ ହସରେ ତୁ, ମୋ ଲୁହରେ ତୁ'ମଞ୍ଚସ୍ଥ

ରମ୍ଭା, ୧୫ ।୧(ସମିସ): ରମ୍ଭା ଥାନା ଇଲାକା ବୁରୁଡି ଗ୍ରାମ ଲଙ୍ଗଳେଶ୍ୱର ମହାଦେବ ପୀଠ ପାର୍ଶ୍ୱ ଯାତ୍ରା ପଡ଼ିଆରେ ମକର ସଂକ୍ରାନ୍ତି (ପୋଙ୍ଗଲ) ପର୍ବ ଅବସରରେ ସାମାଜିକ ନାଟକ 'ମୋ ହସରେ ତୁ -ମୋ ଲୁହରେ



ତୁ' ମଞ୍ଚସ୍ଥ ହୋଇଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏହାର ଶୁଭାରମ୍ଭ କରିଥିଲେ । ଯୁବ ସମାଜସେବୀ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ନାହାକ (ବୁରୁଡି ଗ୍ରାମ୍ୟ କମିଟି ସଭାପତି), ପ୍ରମୋଦ ନାହାକ (ଯାତ୍ରା କମିଟି ସଭାପତି ଜହମି), ସତ୍ୟବାନ ମହାପାତ୍ର (ଉପଦେଷ୍ଟା), ବିଜୟ ନାୟକ (ଆବାହକ ବୁରୁଡି), ମାନସ ନାହାକ (ବିଧାୟକ ପ୍ରତିନିଧି), ବିଷ୍ଣୁପ୍ରିୟା ନାହାକ (ସରପଞ୍ଚ ), ରମାକାନ୍ତ ନାହାକ (ସରପଞ୍ଚ ପ୍ରତିନିଧି), ବସନ୍ତ ନାହାକ, ପ୍ରଦୀପ ପାଢ଼ୀ, ମିନକେତନ ନାହାକ, ଦୁର୍ଯ୍ୟୋଧନ ତରେଇ, ନୀଳାଞ୍ଚଳ ସେନାପତି (ଗଣମାଧ୍ୟମ ପ୍ରତିନିଧି), ଦେବେନ୍ଦ୍ର ପ୍ରସାଦ ଶର୍ମା (ନାଟ୍ୟ ନିର୍ଦ୍ଦେଶକ) ପ୍ରମୁଖ ମଞ୍ଚାସିନ ହୋଇଥିଲେ । ପ୍ରିୟବ୍ରତ ନାହାକ, ସଞ୍ଜୟ ନାହାକ, ମନୋଜ ନାହାକ, ସୂର୍ଯ୍ୟକାନ୍ତ ନାହାକ, ରଞ୍ଜିତ ନାହାକ, ବବର, ବାବୁଲା, ଲିଙ୍ଗରାଜ ତ୍ରିପାଠୀ, ଅଶୋକ (ମ୍ୟାନେଜର), ଦୀପା, ମଧୁସ୍ମିତା, ପ୍ରଜ୍ଞା, ସନ୍ଧ୍ୟା, ଲୋରୀ ପ୍ରମୁଖ ଅଭିନୟ କରିଥିଲେ ।

● ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

## ଯୋଗଦେଲେ ଧାବିକା ଦୂତି ଚାନ୍ଦ

ଛତ୍ରପୁର, ୧୫ ।୧(ସମିସ): ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୁତି ଚାନ୍ଦ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ନିକଟରେ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ଡକ୍ଟର ଅଜୟ କୁମାର



ତ୍ରିପାଠୀ କ୍ରୀଡ଼ାକୁ କେଉଁପରି ଭାବରେ ଭବିଷ୍ୟତରେ ବୃତ୍ତି ଭାବରେ ଗ୍ରହଣ କରାଯାଇପାରିବ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସଭାରେ ଛତ୍ରପୁର ସବ୍ ଡିଭିଜିନାଲ୍ ଆଥଲେଟିକ୍ ଆସୋସିଏସନ୍ ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ଛତ୍ରପୁର ରୋଟାରି କ୍ଲବର ସଭାପତି ଡ. ବିମଳ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହିବା ସହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ । ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଡ. ରଘୁନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଡ. ଇମ୍‌ତିହାନ୍ ଶାହା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଭିନ୍ନକ୍ଷମଙ୍କୁ ଇ-ରିକ୍ସା ବଣ୍ଟନ

ଭଞ୍ଜନଗର, ୧୫ ।୧(ସମିସ): ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭଞ୍ଜନଗର ଉପଖଣ୍ଡର ପ୍ରତ୍ୟେକ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳର ଜୀବନ ଜୀବିକା ଯୋଜନାର ଚୟନ ହୋଇଥିବା ଭିନ୍ନକ୍ଷମ ଭାଇ ଭଉଣୀ ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି । ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପ ଜିଲ୍ଲାପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଅତିରିକ୍ତ ଉପ ଜିଲ୍ଲାପାଳ, ବିଶ୍ୱରଞ୍ଜନ କର ଯୋଗ ଦେଇଥିଲେ । ଏଥିରେ ଭଞ୍ଜନଗର ଉପ ଖଣ୍ଡର ୭ଟି ବ୍ଲକ ଓ ୫ଟି ବିଜ୍ଞାପିତ ଅଞ୍ଚଳ ୧୨ ଜଣ ହିତାଧିକାରୀଙ୍କୁ ୧୨ଟି ଇ-ରିକ୍ସା ବଣ୍ଟନ କରାଯାଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରି ଶଙ୍କର ଶତପଥୀ ଏବଂ ସାମ୍ବାଦିକ ବନ୍ଧୁମାନେ ଯୋଗଦେଇଥିଲେ । ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ମୁକେଶ ଡାକୁଆ ଓ ଭାରତୀ ବିଷୋଇ ସହଯୋଗ କରିଥିଲେ ।

## ନୂତନ ସିଆରସିସିଙ୍କ କର୍ମକର୍ତ୍ତା ଚୟନ

ରମ୍ଭା, ୧୫ ।୧(ସମିସ): ଖଲ୍ଲିକୋଟ ବ୍ଲକରେ କାର୍ଯ୍ୟରତ ସିଆର୍‌ସିସିଙ୍କ ମଧ୍ୟରୁ ନୂତନ ଭାବେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ରୀତିରେ ସମ୍ପାଦିତ ହୋଇଛି । ସର୍ବମୋଟ ୧୬ଟି କ୍ଲଷ୍ଟରର ସିଆର୍‌ସିସିଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଉକ୍ତ ମନୋନୟନ କାର୍ଯ୍ୟ ସମାହିତ ହୋଇଛି । ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, କୋଷାଧକ୍ଷ ଭାବେ ଲିପନ ପଣ୍ଡାଙ୍କୁ ମନୋନୀତ କରାଯାଇଛି । ନୂତନ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ୟୁରୋ ସ୍କୁଲ ସମ୍ମାନିତ

ଛତ୍ରପୁର, ୧୫ ।୧(ସମିସ): ଆଧୁନିକ, ଗୁଣାତ୍ମକ ଓ ଉନ୍ନତ ମାନର ଶିକ୍ଷାଦାନ ସହିତ ସାମାଜିକ କାର୍ଯ୍ୟ କରି ଅଭିଭାବକ ଏବଂ ବିଦ୍ୟାର୍ଥୀ ଙ୍କ ପ୍ରିୟ ଭଜନ ହୋଇଥିବା ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲ ଜିଲ୍ଲାସ୍ତରରେ ସମ୍ମାନିତ ହୋଇଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସ୍ଥିତ ସରକାରୀ ଆଇଟିଆଇ ଅଡଟୋରିୟମ ହଲରେ ଅନୁଷ୍ଠିତ କଳିଙ୍ଗ ମହୋତ୍ସବରେ ସ୍କୁଲର ମୁଖ୍ୟ ପୃଷ୍ଠ ପୋଷାକ ସସ୍ମିତା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ତଥା କଳିଙ୍ଗ ମହୋତ୍ସବ କମିଟିର ଅଧକ୍ଷ ପ୍ରକାଶ ପଟ୍ଟନାୟକ, ଖ୍ୟାତନାମା ଉଦଘୋଷକ ହୃଷୀକେଶ ପାଣିଗ୍ରାହି, ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ଏବଂ ମାନ୍ୟ ଗଣ୍ୟ ଅତିଥି ମାନେ ଉପସ୍ଥିତ ଥିଲେ । ଏହି ସ୍କୁଲକୁ ସମ୍ମାନିତ କରାଯାଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ

ପାତ୍ରପୁର, ୧୫ ।୧(ସମିସ): ପାତ୍ରପୁର ବ୍ଲକ ପରିସରରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ପାତ୍ରପୁର ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଏ.ମୋହନ ରାଓ, ଉପାଧକ୍ଷ, ସିଡିପିଓ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ତରଫରୁ ଆୟୋଜିତ ଏହି ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ପାତ୍ରପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନେହାସିଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଛତ୍ରପୁର, ୧୫ ।୧(ସମିସ): ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା ଲକ୍ଷ୍ୟ ନେଇ ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ୨ ଦିନିଆ ଲକ୍ଷପତି ଦିଦି ନିମନ୍ତେ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ମଧୁମିତା, ଭାରପ୍ରାପ୍ତ ଛତ୍ରପୁର ବିଡ଼ିଓ ଜୟଶ୍ରୀ ନାୟକ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ସନ୍ତୋଷ ରଥ, ବ୍ଲକ ସଂଯୋଜିକା ମାନିନୀ ଜେନାଙ୍କ ସମସ୍ତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ମାନେ ଯୋଗଦେଇ ଶିବିରର ମୂଳ ଲକ୍ଷ୍ୟ ଉପରେ ଆଲୋପାତ କରିଥିଲେ ।

## ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତାବଣ୍ଟନ




କୁକୁଡାଖଣ୍ଡି, ୧୫ ।୧(ସମିସ): ବୁଧବାର କୁକୁଡାଖଣ୍ଡି ବ୍ଲକ କନ୍‌ଫରେନ୍ସ ହଲ୍ ଠାରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ସପନ କୁମାର ସାହୁ, ବିଡିଓ ଡଃ ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ସିଡିପିଓ କୁସୁମ ସାହୁ, ଡିପିଏମ୍ ଓଏଲଏମ୍ ଗଞ୍ଜାମ ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ପ୍ରାଥମିକ ଭାବେ ବ୍ଲକର କୁକୁଡାଖଣ୍ଡି ଓ ମସିହାଖାଲି ପଞ୍ଚାୟତର ୮ ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଲକ୍ଷପତି ଦିଦିଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟ୍ରେନିଂ ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଓଏଲଏମ କର୍ମଚାରୀ ସଂଯୁକ୍ତା ସାହୁ, ସମବାୟବିତ ସନାତନ ସଂଗ୍ରାମ ସିଂ, ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ସରପଞ୍ଚ ମୁରଲୀ ସେଠୀ, ନୀଲେଶ ଦଳାଇ, ଗୌତମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ପରିବହନ ମନ୍ତ୍ରୀ

ଛତ୍ରପୁର, ୧୫ ।୧(ସମିସ): ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ । ଗଞ୍ଜାମ ଜିଲ୍ଲାରେ ୨୬ ହଜାର ୧୩୪ ଜଣ ହିତାଧିକାରୀ ଏଥିରେ ଉପକୃତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ମଧୁବାବୁ ପେନସନ ଯୋଜାନରେ ୮୦ ବର୍ଷରୁ ଅଧିକ ୮୯୦୬ ଜଣ ରହିଥିବା ବେଳେ ଜାତୀୟ ସାମାଜିକ ସହାୟତା ପେନସନ ଯୋଜନାରେ ୧୦ହଜାର ୬୧୮ ଜଣ ରହିଛନ୍ତି । ସେହିପରି ମଧୁବାବୁ ପେନସନ ଯୋଜାନରେ ୮୦



ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୩୯୦୯ ଜଣ ଓ ଜାତୀୟ ସାମାଜିକ ସହାୟତା ପେନସନ ଯୋଜନାରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୭୦୧ ଜଣ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି ।ଏଥି ସହିତ ଚୟନ ହୋଇଥିବା ଛତ୍ରପୁର ଉପଖଣ୍ଡର ଜୀବନ ଜୀବିକା ଯୋଜନର ହିତାଧିକାରୀଙ୍କୁ ଇ - ରିକ୍ସା ବଣ୍ଟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାଶ, ଉପାଧକ୍ଷା ଏସ. ସାରଦା ରେଡି, ଜିଲ୍ଲା ପରିଷଦ ସିଡିଓ ମଧୁମିତା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ, ଅନ୍ୟପଟେ ସମାନ ଭାବ ରେ ୬୦ବର୍ଷ ରୁ ଅଧିକା ହିତାଧିକାରୀ ମାନଙ୍କୁ ୩୫୦୦ଟଙ୍କା ଲେଖାଏଁ ଭତ୍ତା ବାବଦରେ ପ୍ରଦାନ କରିବା ନିମନ୍ତେ ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବୃଦ୍ଧ ଓ ବୃଦ୍ଧାଙ୍କୁ ଭତ୍ତା ବଣ୍ଟନ



ଆସିକା, ୧୫ ।୧(ସମିସ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଆସିକା ଏନଏସିର ୧୮ଟି ୱାର୍ଡ ଓ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୃଦ୍ଧ, ବୃଦ୍ଧା, ବିକଳାଙ୍ଗ ମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଧାୟକ ସରୋଜ ପାଢ଼ୀ, ଆସିକା ବିଡ଼ିଓ ସାଗରୀକା ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଜୟନ୍ତୀ ବିଷୋୟୀ, ମଞ୍ଚାସିନ ଥିଲେ । ୩୭୮ ଜଣ ବୃଦ୍ଧ, ବୃଦ୍ଧା, ବରିଷ୍ଠ ନାଗରିକ ୩୧୭ଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା ।

